# ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ ବ୍ୟକ୍ତି ଓ ଅନୁଷ୍ଠାନ



# ମୁଖବନ୍ଧ

ବନ୍ୟପ୍ରାଣୀ କେବଳ ଆମ ପାରିବେଶିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ, ବରଂ ଓଡ଼ିଶାର ପ୍ରାକୃତିକ ପରିଚୟର ମଧ୍ୟ ଏକ ମୂଳଦୁଆ । ଶିମିଳିପାଳର ଘଞ୍ଚ ଜଙ୍ଗଲରୁ ଆରମ୍ଭ କରି ଚିଲିକାର ପ୍ରାଣବନ୍ତ ଆର୍ଦ୍ରଭୂମି ପର୍ଯ୍ୟନ୍ତ, ଆମ ରାଜ୍ୟ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀଜଗତର ଏକ ସମୃଦ୍ଧ ଭଣ୍ଡାର, ଯାହା ପ୍ରଶଂସା ଓ ସୁରକ୍ଷା ଉଭୟ ଦାବି କରେ ।

ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ବ୍ୟକ୍ତିବିଶେଷ ତଥା ବିଭିନ୍ନ ସଂଗଠନମାନଙ୍କ ଦ୍ୱାରା କରାଯାଇଥିବା ଉଲ୍ଲେଖନୀୟ ପ୍ରୟାସକୁ ସ୍ୱୀକୃତି ଦେଇ, ଓଡ଼ିଶା ସରକାର ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ  ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରତିଷ୍ଠା କରିଛନ୍ତି । ଏହି ପୁରସ୍କାର କେବଳ ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ୱୀକୃତି ଦିଏ ନାହିଁ, ବରଂ ଆମ ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱବୋଧକୁ ମଧ୍ୟ ପ୍ରେରଣା ଯୋଗାଏ ।

ଆମର ଆଶା ଯେ ଏହି ପ୍ରକାଶନଟି କେବଳ ପ୍ରଶଂସନୀୟ ସଫଳତାର ଏକ ରେକର୍ଡ଼ ଭାବରେ କାର୍ଯ୍ୟ କରିବ ନାହିଁ, ବରଂ ବନ୍ୟପ୍ରାଣୀ ସଂରକ୍ଷଣର ମହାନ କାର୍ଯ୍ୟରେ ଭବିଷ୍ୟତ ପିଢ଼ିଙ୍କୁ ଯୋଡ଼ିବା ପାଇଁ ଏକ ପ୍ରେରଣାର ଉତ୍ସ ହେବ ।

**ଶ୍ରୀ ପ୍ରେମ୍ କୁମାର ଝା, ଭା.ବ.ସେ.**
**ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା**

# FOREWORD

Wildlife is not just a vital component of our ecological heritage but also a cornerstone of Odisha's natural identity. From the lush forests of Similipal to the vibrant wetlands of Chilika, our state is home to a rich diversity of flora and fauna that demands both admiration and protection.

In recognition of the outstanding efforts made by individuals and organizations in the field of wildlife conservation, the Government of Odisha has instituted the State Level Chief Minister Award for Wildlife Conservation. This award not only acknowledges exemplary work but also inspires collective responsibility towards the preservation of our natural heritage.

It is our hope that this publication will serve not only as a record of commendable achievements but also as a source of inspiration for future generations to engage in the noble cause of wildlife conservation.

**Shri Prem Kumar Jha, IFS**

Principal Chief Conservator of Forests (Wildlife) & Chief Wildlife Warden, Odisha

# ସୂଚୀପତ୍ର



| କ୍ରମ | ବର୍ଷ | ପୁରସ୍କୃତ ବ୍ୟକ୍ତି/ସଂଗଠନ | ପୃଷ୍ଠା |
|---|---|---|---|
| ୧ | ୨୦୦୫ | କୃଷ୍ଣସାରମୃଗ ପରିଚାଳନା କମିଟି | ୩ |
| ୨ | ୨୦୦୬ | ମୟୂର ସୁରକ୍ଷା କମିଟି | ୫ |
| ୩ | ୨୦୦୭ | ଶ୍ରୀ ଶ୍ରୀ ମହାବୀର ପକ୍ଷୀ ସୁରକ୍ଷା ସମିତି | ୭ |
| ୪ | ୨୦୦୮ | ଡଃ ବସନ୍ତ କୁମାର ବେହୁରା | ୯ |
| ୫ | ୨୦୦୯ | ଡଃ ଉଦୟ ନାରାୟଣ ଦେବ | ୧୧ |
| ୬ | ୨୦୦୯ | ଡଃ ସୁନ୍ଦର ନାରାୟଣ ପାତ୍ର | ୧୨ |
| ୭ | ୨୦୧୦ | ଶ୍ରୀ ସରୋଜ କୁମାର ପଟ୍ଟନାୟକ | ୧୫ |
| ୮ | ୨୦୧୦ | ଶ୍ରୀ ଅମରେନ୍ଦ୍ର ଲାଲ ବୋଷ | ୧୬ |
| ୯ | ୨୦୧୧ | ଡଃ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ | ୧୯ |
| ୧୦ | ୨୦୧୧ | ଶ୍ରୀ ପ୍ରସନ୍ନ କୁମାର ବେହେରା | ୨୦ |
| ୧୧ | ୨୦୧୨ | ଶ୍ରୀ ଶ୍ୟାମା ଓମ୍ ପ୍ରସାଦ ମିଶ୍ର | ୨୩ |
| ୧୨ | ୨୦୧୩ | ଡଃ ଲାଲା ଅଶ୍ୱିନୀ କୁମାର ସିଂହ | ୨୫ |
| ୧୩ | ୨୦୧୩ | ଶ୍ରୀ ସ୍ୱରାଜ କୁମାର କହଁର | ୨୬ |
| ୧୪ | ୨୦୧୪ | ଡଃ ପ୍ରିୟମ୍ବଦା ମହାନ୍ତି ହେଜମାଡି | ୨୯ |
| ୧୫ | ୨୦୧୫ | ଶ୍ରୀ ଶତ୍ରୁଘ୍ନ ରାଉତ | ୩୧ |
| ୧୬ | ୨୦୧୬ | ଶ୍ରୀ ଗୌରାଙ୍ଗ ଚରଣ ରାଉତ | ୩୩ |
| ୧୭ | ୨୦୧୭ | ଶ୍ରୀ ଚକ୍ରଧର ହେମ୍ବ୍ରମ୍ | ୩୫ |
| ୧୮ | ୨୦୧୮ | ପ୍ରଫେସର ସୁଶୀଲ କୁମାର ଦତ୍ତ | ୩୭ |
| ୧୯ | ୨୦୧୯ | ଶ୍ରୀ ବିଚିତ୍ରାନନ୍ଦ ବିଶ୍ୱାଳ | ୩୯ |
| ୨୦ | ୨୦୨୦ | ସେଭ୍ ଏଲିଫ୍ୟାଣ୍ଟ୍ ଫାଉଣ୍ଡେସନ୍ ଟ୍ରଷ୍ଟ | ୪୧ |
| ୨୧ | ୨୦୨୧ | ଶ୍ରୀ ନନ୍ଦକିଶୋର ଭୂଜବଳ | ୪୩ |
| ୨୨ | ୨୦୨୨ | ଶ୍ରୀ ବିକିଜି ନାଗ୍ | ୪୫ |
| ୨୩ | ୨୦୨୨ | ଶ୍ରୀ ରବୀନ୍ଦ୍ରନାଥ ସାହୁ | ୪୬ |
| ୨୪ | ୨୦୨୩ | ଶ୍ରୀ ବିପିନ ବିହାରୀ ପ୍ରଧାନ | ୪୯ |
| ୨୫ | ୨୦୨୩ | ଶ୍ରୀ ଅଶ୍ୱିନୀ କୁମାର ଦାସ | ୫୦ |
| ୨୬ | ୨୦୨୪ | ଡଃ ସିଦ୍ଧାର୍ଥ ପତି | ୫୩ |
| ୨୭ | ୨୦୨୪ | ଶ୍ରୀ ଶୈଳେନ୍ଦ୍ର ନାରାୟଣ ଶତପଥୀ | ୫୪ |
| ୨୮ | ୨୦୨୫ | ଡଃ ଶରତ ଚନ୍ଦ୍ର ମିଶ୍ର | ୫୭ |

# INDEX


| Sl.No. | Year | Awarded individuals and organizations | Page |
|---|---|---|---|
| 1 | 2005 | Blackbuck Management Committee | 4 |
| 2 | 2006 | Peacock Protection Committee | 6 |
| 3 | 2007 | Shri Shri Mahavir Pakshi Surakshya Samiti | 8 |
| 4 | 2008 | Dr. Basanta Kumar Behura | 10 |
| 5 | 2009 | Dr. Uday Narayan Dev | 13 |
| 6 | 2009 | Dr Sundar Narayana Patro | 14 |
| 7 | 2010 | Shri Saroj Kumar Patnaik | 17 |
| 8 | 2010 | Shri Amarendra Lal Bose | 18 |
| 9 | 2011 | Dr. Lakshmi Narayan Acharjyo | 21 |
| 10 | 2011 | Shri Prasanna Kumar Behera | 22 |
| 11 | 2012 | Shri Shyama Om Prasad Mishra | 24 |
| 12 | 2013 | Dr. Lala Aswini Kumar Singh | 27 |
| 13 | 2013 | Shri Swaraj Kumar Kanhar | 28 |
| 14 | 2014 | Dr. Priyambada Mohanty Hejmadi | 30 |
| 15 | 2015 | Shri Satrughna Rout | 32 |
| 16 | 2016 | Shri Gouranga Charan Rout | 34 |
| 17 | 2017 | Shri Chakradhar Hembram | 36 |
| 18 | 2018 | Professor Sushil Kumar Dutta | 38 |
| 19 | 2019 | Shri Bichitrananda Biswal | 40 |
| 20 | 2020 | Save Elephant Foundation Trust | 42 |
| 21 | 2021 | Shri Nandakishore Bhujabala | 44 |
| 22 | 2022 | Shri Bikiji Nag | 47 |
| 23 | 2022 | Shri Rabindranath Sahu | 48 |
| 24 | 2023 | Shri Bipin Bihari Pradhan | 51 |
| 25 | 2023 | Shri Ashwini Kumar Das | 52 |
| 26 | 2024 | Dr. Siddhartha Pati | 55 |
| 27 | 2024 | Shri Shailendra Narayan Satapathy | 56 |
| 28 | 2025 | Dr. Sarat Chandra Misra | 58 |

# ପୁରସ୍କାର ଏବଂ ଏହାର କ୍ରମବିକାଶ ସମ୍ବନ୍ଧରେ

ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ବ୍ୟକ୍ତିବିଶେଷ ଏବଂ ସଂଗଠନମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ପାଇଁ ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରର ପ୍ରଚଳନ ପ୍ରଥମେ ୨୦୦୫ ମସିହାରେ କରାଯାଇଥିଲା । ପ୍ରାରମ୍ଭରେ, ନଗଦ ପୁରସ୍କାର ୫୦,୦୦୦ ଟଙ୍କା ଥିଲା; ପରବର୍ତ୍ତୀ ସମୟରେ ୨୦୦୭ ଏବଂ ୨୦୦୮ ମସିହାରେ ଏହି ରାଶି ଯଥାକ୍ରମେ ୧,୦୦,୦୦୦ ଟଙ୍କା ଏବଂ ୨,୦୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ୨୦୧୨ ମସିହାରେ, ଏହି ପୁରସ୍କାରର ନାମ ପରିବର୍ତ୍ତନ କରାଯାଇ 'ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର' ରଖାଗଲା, ଯେଉଁଥିରେ ୨,୦୦,୦୦୦ ଟଙ୍କା ନଗଦ ପୁରସ୍କାର ସହିତ ଏକ ପ୍ରମାଣପତ୍ର ରହିଥିଲା । ପୁନର୍ବାର ୨୦୨୫ ମସିହାରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ରିଜୋଲ୍ୟୁସନ ନଂ. ୧୬୪୬୮ (୧) FE-PLANT-୦୦୨୬-୨୦୨୩-F&E ତା. ୦୪.୦୭.୨୦୨୫ ଅନୁଯାୟୀ, ଏହି ପୁରସ୍କାରର ନାମ ପରିବର୍ତ୍ତନ କରାଯାଇ **'ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର'** ରଖାଯାଇଛି, ଯେଉଁଥିରେ ୪,୦୦,୦୦୦ ଟଙ୍କା ନଗଦ ପୁରସ୍କାର ସହିତ ଏକ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

# ପୁରସ୍କାର ପାଇଁ ଯୋଗ୍ୟତା ସମ୍ବନ୍ଧରେ

ଓଡିଶା ରାଜ୍ୟରେ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ, ଯିଏ ବନ୍ୟପ୍ରାଣୀ ଏବଂ ଜୈବବିବିଧତା ସଂରକ୍ଷଣ, ଗବେଷଣା ଏବଂ ଶିକ୍ଷା କ୍ଷେତ୍ରରେ ନିୟୋଜିତ ଅଛନ୍ତି, ସେମାନେ ଏହି ପୁରସ୍କାର ପାଇଁ ଯୋଗ୍ୟ ଅଟନ୍ତି । ପୁରସ୍କାର ପାଇଁ ବିଚାର କରାଯିବା ନିମନ୍ତେ, ଜଣେ ବ୍ୟକ୍ତିବିଶେଷ/ଅନୁଷ୍ଠାନ ନିମ୍ନଲିଖିତ କ୍ଷେତ୍ର ମଧ୍ୟରୁ ଯେକୌଣ-ସି ଗୋଟିକରେ ପ୍ରଶଂସନୀୟ ଓ ପ୍ରଭାବଶାଳୀ କାର୍ଯ୍ୟ କରିଥିବା ଆବଶ୍ୟକ: (କ)ବନ୍ୟପ୍ରାଣୀ ପରିଚାଳନା ଏବଂ ସଂରକ୍ଷଣ ଯେଉଁଥିରେ ଶିକାର ନିୟନ୍ତ୍ରଣ, ବନ୍ୟପ୍ରାଣୀ ଜନିତ କ୍ଷୟକ୍ଷତି ଏବଂ ବିସ୍ତାର ଅନ୍ତର୍ଭୁକ୍ତ । (ଖ) ଜୈବ ବିବିଧତା ସଂରକ୍ଷଣ (ଗ) ପରିବେଶୀୟ ବିକାଶ ଯୋଜନା ଏବଂ କାର୍ଯ୍ୟକାରୀତା (ଘ)ପ୍ରାଣୀଉଦ୍ୟାନ ପରିଚାଳନାର ଏକ ଅଂଶ ଭାବରେ କୃତ୍ରିମ ପ୍ରଜନନ ।

## About the Award and its evolution

The concept of the State Level Award for Wildlife Conservation was first conceived in 2005 for recognizing outstanding persons and organizations for their contributions towards wildlife conservation. Initially, the cash award consisted of Rs. 50,000; subsequently the amount has been enhanced to Rs. 1,00,000 and 2,00,000 during the year 2007 and 2008 respectively. In the year 2012, the award was renamed as Biju Pattanaik Award for Wildlife Conservation with a cash prize of Rs. 2,00,000 along with a certificate. Again during 2025 vide Resolution No.16468 (1) FE-PLANT-0026-2023-F&E dtd 04.07.2025 of Forest, Environment & Climate Change Department, Odisha the award has been renamed as '**Chief Minister Award for Wildlife Conservation'** with a cash prize of Rs. 4,00,000/- and a certificate.

## Eligibility Criteria for the Award

Any individual or an institution operating in the State of Odisha and engaged in Wildlife and biodiversity conservation, research, and education is eligible for the award. To come under the purview of consideration for the award, an individual/institution should have created an appreciable and measurable impact in any of the following areas (a) Wildlife management and conservation, including control of poaching, wild animal depredation, and extension. (b) Biodiversity conservation (c) Eco development planning and implementation (d) Captive breeding as part of zoo management.



# ବର୍ଷ-୨୦୦୫
# କୃଷ୍ଣସାରମୃଗ ପରିଚାଳନା କମିଟି
**ଗଞ୍ଜାମ, ଓଡ଼ିଶା**

## ପରିଚୟ

ଏହି ସମିତି ୨୦୦୨ ମସିହାରେ ପ୍ରତିଷ୍ଠିତ ହୋଇଥିଲା, ଯେଉଁଥିରେ ଗଞ୍ଜାମ ଜିଲ୍ଲାର ୨୬ଟି ଗାଁ'ର ସ୍ଥାନୀୟ ବାସିନ୍ଦା, ବନ ଅଧିକାରୀ ଏବଂ ବନ୍ୟପ୍ରାଣୀପ୍ରେମୀମାନେ ସାମିଲ ହୋଇଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟ କୃଷ୍ଣସାର ମୃଗ *(Blackbuck / Antilope cervicapra)*ଙ୍କୁ ସୁରକ୍ଷା ଓ ସଂରକ୍ଷଣ କରିବା । ସ୍ଥାନୀୟ ଜନସମୁଦାୟ ଏବଂ ବନ ଅଧିକାରୀଙ୍କ ସହଯୋଗରେ, ଏହି କମିଟି କୃଷ୍ଣସାର ମୃଗ ସଂରକ୍ଷଣରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । କୃଷ୍ଣସାର ମୃଗ ସୁରକ୍ଷା ସମିତିର ଉଲ୍ଲେଖନୀୟ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟ ପାଇଁ, ଏହାକୁ ୨୦୦୫ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

## ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

କୃଷ୍ଣସାରମୃଗ ପରିଚାଳନା କମିଟି କୃଷ୍ଣସାର ମୃଗଙ୍କ ବାସସ୍ଥାନର ପରିଚାଳନା ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା । ଏହି ପ୍ରୟାସରେ ସ୍ଥାନୀୟ ଲୋକମାନେ ଜମି ଦାନ କରିବା ସହ ପୋଖରୀ ଖନନ କରିଥିଲେ । ଏହାର ଫଳସ୍ୱରୂପ, କୃଷ୍ଣସାର ମୃଗଙ୍କ ସଂଖ୍ୟା ୨୦୦୨ ମସିହାରେ ୪୮୬ ଥିବା ବେଳେ ୨୦୨୫ ସୁଦ୍ଧା ତାହା ବୃଦ୍ଧି ପାଇ ୫୦୦୦ ରେ ପହଞ୍ଚିଛି ।

ଏହି ସମିତି ସ୍ଥାନୀୟ ଲୋକଙ୍କ ମଧ୍ୟରେ କୃଷ୍ଣସାର ମୃଗ ସଂରକ୍ଷଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରି ସାମୁହିକ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିଥିଲା । କୃଷ୍ଣସାର ମୃଗ ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ଏହି ସମିତିର ଉଦ୍ୟମ ପ୍ରଶଂସନୀୟ ।

**Year – 2005**

## Blackbuck Management Committee

Ganjam, Odisha

# Introduction

This committee was formed in 2002 with the participation of local residents and wildlife enthusiasts from 26 villages of Ganjam district. Its main aim is to protect and conserve the Indian Blackbuck (Antilope cervicapra). With the support of local communities and forest officials, the committee has taken a leading role in Blackbuck conservation. For its outstanding work in wildlife protection, the Krushnasar Mruga Surakshya Samiti was honored with the State-level Biju Patnaik Wildlife Conservation Award in 2005.

# Contribution to Wildlife Conservation

The committee-initiated land donation by local people and construction of ponds to manage the Blackbuck habitat. As a result, the Blackbuck population increased from 486 in 2002 to more than 5000 in 2025. By spreading awareness among local communities, the committee ensured people's active participation in conservation. The work carried out by the committee for protection and conservation of Blackbuck and its habitat is commendable.






**ବର୍ଷ-୨୦୦୬**

**ମୟୂର ସୁରକ୍ଷା କମିଟି**

ଗଞ୍ଜାମ, ଓଡ଼ିଶା

# ପରିଚୟ

ମୟୂର ସୁରକ୍ଷା କମିଟି, ଗଞ୍ଜାମ ହେଉଛି ସ୍ଥାନୀୟ ଜନସମୁଦାୟ ଏବଂ ବନ ବିଭାଗର ସହଯୋଗରେ ୨୦୦୫ ମସିହାରେ ପ୍ରତିଷ୍ଠିତ ଏକ ସଂଗଠନ ।

ଗଞ୍ଜାମ ଜିଲ୍ଲାରେ ମୟୂରଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କ ବାସସ୍ଥାନ ସଂରକ୍ଷଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଆଖପାଖ ଗାଁ'ର ଲୋକମାନଙ୍କୁ ସାମିଲ କରି ସାମୂହିକ ଅଂଶଗ୍ରହଣ ମାଧ୍ୟମରେ ମୟୂରଙ୍କ ସଂଖ୍ୟା ବୃଦ୍ଧି ଏବଂ ସଂରକ୍ଷଣ ସଚେତନତା ପ୍ରସାର କରିବାରେ ଏହି ସମିତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ମୟୂର ଏବଂ ସେମାନଙ୍କର ବାସସ୍ଥାନ ସଂରକ୍ଷଣ ଦିଗରେ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ, ୨୦୦୬ ମସିହାରେ ଏହି ସମିତିକୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ମୟୁର ସୁରକ୍ଷା କମିଟି, ଗଞ୍ଜାମ, ୨୦୦୫ ମସିହାରେ, ଶୁଭଚନ୍ଦ୍ରପୁର, କେରିକେରି ଝୋଳା, ଆମ୍ବୁଆବାଡ଼ି, ଭାରତପଲ୍ଲୀ, କରନଉଲୀ, ସମେଇଗୁଡ଼ା ଏବଂ ଚେରାମାରିଆ ଆଦି ସାତଟି ଗ୍ରାମର ୧୪ ଜନ ଅଧିବାସୀଙ୍କୁ ନେଇ ସଂଗଠିତ ହୋଇଥିଲା । ମୟୁରମାନଙ୍କ ସୁରକ୍ଷାରେ ଓ ସଂରକ୍ଷଣରେ ସମର୍ପିତ ଏହି ସମିତି ସେମାନଙ୍କୁ ଏକ ସୁରକ୍ଷିତ ବାସସ୍ଥାନ ମିଳିବା ସହ ଶିକାର ଆଦିକୁ ରୋକାଯାଇପାରିଛି ।

ସେମାନଙ୍କର ଏହି ସାମୂହିକ ପ୍ରୟାସ ଯୋଗୁଁ ସ୍ଥାନୀୟ ଅ*ଳରେ ମୟୂରଙ୍କ ସଂଖ୍ୟା ପ୍ରାୟ ୨,୦୦୦କୁ ବୃଦ୍ଧି ପାଇଛି । ସ୍ଥାନୀୟ ଲୋକେ ମୟୂରଙ୍କୁ ଶୁଭ ମନେ କରନ୍ତି, ଯାହା ମଣିଷ ଏବଂ ବନ୍ୟପ୍ରାଣୀଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିଛି ।

**Year – 2006**

**Peacock Protection Committee**

Ganjam, Odisha

## Introduction

The *Peacock Protection Committee (Ganjam)* was established in 2005 with the support of the local community from the villages of Subhachandpur, KerikeriJhola, Ambuabadi, Bharatapalli, Karanauli, Simeiguda and Cheramaria. The Committee consists of 14 members from seven villages, two each of one village.

Its main objective is to protect peafowls in Ganjam district and conserve their habitats. The committee has played an important role in increasing the peafowl population and spreading awareness about their protection by involving people from nearby villages in community participation. For its exceptional efforts in peafowl conservation and habitat protection, the Samiti was honored with the State-level Biju Patnaik Wildlife Conservation Award in 2006.

## Contribution to Wildlife Conservation

This Committee includes people from seven nearby villages who actively contribute to protecting peafowls, safeguarding their habitats, and preventing threats. Their collective efforts have helped increase the peafowl population in the nearby hills to nearly 2,000 birds. Local people also consider peafowls auspicious, which helps maintain a harmonious relationship between humans and wildlife.



**ବର୍ଷ-୨୦୦୭**

## ଶ୍ରୀ ଶ୍ରୀ ମହାବୀର ପକ୍ଷୀ ସୁରକ୍ଷା ସମିତି

**ଗୋଷ୍ଠୀ-ଆଧାରିତ ପକ୍ଷୀ ସୁରକ୍ଷା ଏବଂ ସଂରକ୍ଷଣ ସଂଗଠନ, ମଙ୍ଗଳାଯୋଡ଼ି, ଖୋର୍ଦ୍ଧା, ଓଡ଼ିଶା**

# ପରିଚୟ

ଚିଲିକାର ମଙ୍ଗଳା ଯୋଡ଼ି ଠାରେ ଡିସେମ୍ବର ୧୦, ୨୦୦୦ ରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ମହାବୀର ପକ୍ଷୀ ସୁରକ୍ଷା ସମିତି ହେଉଛି ଏକ ସାମୂହିକ ସଂଗଠନ, ଯାହା ପ୍ରବାସୀ ଓ ସ୍ଥାନୀୟ ପକ୍ଷୀଙ୍କ ସୁରକ୍ଷା ଏବଂ ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ।

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ଉଡଇ)ଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ସମିତି, ଗୋଷ୍ଠୀ ପରିଚାଳିତ ସଂରକ୍ଷଣର ଏକ ଜାତୀୟ ତଥା ବିଶ୍ୱସ୍ତରୀୟ ଉଦାହରଣ ସୃଷ୍ଟି କରିଛି । ଏହି ଉଲ୍ଲେଖନୀୟ ଅବଦାନ ପାଇଁ, ଏହି ସଂଗଠନକୁ ୨୦୦୭ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଏହି ସମିତି ଚିଲିକା ଆର୍ଦ୍ରଭୂମିରେ ପ୍ରବାସୀ ଏବଂ ସ୍ଥାନୀୟ ପକ୍ଷୀଙ୍କ ସଂରକ୍ଷଣ ସହ ସ୍ଥାନୀୟ ଜନସମୁଦାୟଙ୍କ ଅଂଶଗ୍ରହଣ ମାଧ୍ୟମରେ ଶୀକାର ହ୍ରାସରେ ସହଯୋଗ କରିଛି । ବିଶେଷ କରି, ପୂର୍ବରୁ ପକ୍ଷୀ ଶୀକାରରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ପକ୍ଷୀ ସଂରକ୍ଷଣ କାର୍ଯ୍ୟରେ ଲଗାଇ ସେମାନଙ୍କ ରୋଜଗାରକୁ ପନ୍ଥା ଦିଆଯାଇଛି ।

ସମିତିର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ଆର୍ଦ୍ରଭୂମିର ପୁନରୁଦ୍ଧାର, ପରିବେଶ ପର୍ଯ୍ୟଟନର ବିକାଶ, ଜନସଚେତନତା ଅଭିଯାନ ଓ ପକ୍ଷୀ ଗଣନା ସହିତ ବିଦେଶାଗତ ପକ୍ଷୀ ସୁରକ୍ଷା କାର୍ଯ୍ୟ ଅନ୍ୟତମ ।



## Year – 2007

## Shri Shri Mahavir Pakshi Suraksha Samiti

Community-based Bird Protection and Conservation
Organization in Mangalajodi, Khordha, Odisha

# Introduction

Founded on December 10, 2000 at Mangalajodi in Chilika, the *Shri Shri Mahavir Pakshi Suraksha Samiti* is a community-driven organization dedicated to the protection of migratory and resident birds and the conservation of wetlands. Recognized by the Chilika Development Authority, the committee has become a national and global example of community-led conservation. For its outstanding contribution, the organization was honored with the State-level Biju Patnaik Wildlife Conservation Award in 2007.

# Contribution to Wildlife Conservation

The committee focuses on reducing bird hunting in Chilika wetlands through community involvement and has successfully transformed former hunters into conservationists. The main objectives of the committee include the restoration of wetlands, the development of ecotourism, public awareness campaigns, and bird counting, along with migratory bird protection work.





## ବର୍ଷ-୨୦୦୮
## ଡକ୍ଟର ବସନ୍ତ କୁମାର ବେହୁରା

**ଅଧ୍ୟାପକ, ପ୍ରତିଷ୍ଠାତା ଓ ସଭାପତି, ଓଡ଼ିଶା ପ୍ରାଣୀ ବିଜ୍ଞାନ ସମାଜ ଓ ପ୍ରକୃତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ସମାଜ ଜଗତସିଂହପୁର, ଓଡ଼ିଶା**

# ପରିଚୟ

ଡକ୍ଟର ବସନ୍ତ କୁମାର ବେହୁରା ଫେବୃଆରୀ ୨୦, ୧୯୨୨ ମସିହାରେ ଜନ୍ମଗ୍ରହଣ କରିଥିଲେ । ଡକ୍ଟର ବେହୁରା ଜଣେ ପ୍ରସିଦ୍ଧ ପ୍ରାଣୀବିଜ୍ଞାନୀ, ଗବେଷକ, ଲେଖକ ସହିତ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ ଥିଲେ । ସେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତ ତଥା ଓଡ଼ିଶାର ପ୍ରାଣୀ ବିଜ୍ଞାନ ଓ ବନ୍ୟପ୍ରାଣୀ ସଂରକ୍ଷଣକୁ ନିଜର ଲେଖା ଓ ଗବେଷଣା ମାଧ୍ୟମରେ ପ୍ରତିଷ୍ଠା କରିଥିଲେ । ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ, ତାଙ୍କୁ ୨୦୦୮ ବର୍ଷ ପାଇଁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଡକ୍ଟର ବସନ୍ତ କୁମାର ବେହୁରା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପ୍ରାଣୀବିଜ୍ଞାନରେ ଉଚ୍ଚସ୍ତରୀୟ ଗବେଷଣା କରିବା ସହ ନୂତନ ପ୍ରଜାତି 'ଗ୍ରନ୍ଥକୀଟ କଟକୀ'(*Granthakita Cuttackae*)ର ସହ-ଆବିଷ୍କାର କରିଥିଲେ ଏବଂ ତାଙ୍କ ସମ୍ମାନାର୍ଥେ ଆବିଷ୍କୃତ ଅନ୍ୟ ଏକ ପ୍ରଜାତିକୁ 'ଟିପ୍ପଟ କୃମି' ନାମ ଦିଆଯାଇଛି । ସେ ତାଙ୍କର ଲୋକପ୍ରିୟ ପୁସ୍ତକ ଯେପରିକି 'ଓଡ଼ିଶାର ବେଙ୍ଗ' (୧୯୬୬), 'ଓଡ଼ିଶାର ସାପ' (୧୯୬୭), 'ଡାଇନୋସର' (୧୯୭୭) ଏବଂ 'ବନ୍ୟ ପ୍ରାଣୀ' (୧୯୮୧) ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣ ବିଷୟରେ ସଚେତନତା ପ୍ରସାର କରିଛନ୍ତି । ଡଃ ବେହୁରାଙ୍କୁ ବନ୍ୟପ୍ରାଣୀ ଓ ପ୍ରାଣୀ ବିଜ୍ଞାନରେ ତାଙ୍କର ଅବଦାନ ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀର ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର (୧୯୮୭), ଭାରତୀୟ ପ୍ରାଣୀ ବିଜ୍ଞାନ ସମାଜର ରାଜା ଜିତେନ୍ଦ୍ର ମଲ୍ଲିକ୍ ସ୍ମାରକୀ ପଦକ (୧୯୭୮) ଏବଂ ସାର୍ ଦୋରାବ ଟାଟା ସ୍ୱର୍ଣ୍ଣ ପଦକ (୧୯୮୦) ପ୍ରଦାନ କରାଯାଇଛି ।



## Year – 2008

## Dr. Basanta Kumar Behura

Professor, Founder President & Odisha Zoological Society & Society for Nature and Wildlife Conservation, Jagatsinghpur, Odisha

# Introduction

Dr. Basanta Kumar Behura (born 20 February 1922) was a pioneering zoologist, researcher, and writer who gave remarkable recognition to zoology and wildlife conservation in Odisha and India at both national and international levels. For his contributions, he was awarded with the State-level Biju Patnaik Wildlife Conservation Award (2007–08).

# Contribution to Wildlife Conservation

Dr. Behura conducted pioneering research, co-discovered *Granthakita cuttackae*, and had the "Tippat Worm" named in his honour. He authored influential books such as Frogs of Odisha (*1966), Snakes of Odisha (1967), Dinosaurs (1977), and Wild Animals (1981)*, spreading public awareness on conservation.





ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୦୯**

**ଡକ୍ଟର ଉଦୟ ନାରାୟଣ ଦେବ**

**ପକ୍ଷୀବିଜ୍ଞାନୀ, ଗବେଷକ, ଓଡ଼ିଶା**

# ପରିଚୟ

ସୁପରିଚିତ ଡଃ ଦେବ ଓଡ଼ିଶାର ପକ୍ଷୀରାଜା ଭାବେ ପରିଚିତ । ପକ୍ଷୀମାନଙ୍କ ସହ ତାଙ୍କର ସମ୍ପର୍କ ବହୁତ କମ୍ ବୟସରୁ ଆରମ୍ଭ ହୋଇଥିଲା । ସେ ଭାରତୀୟ ପକ୍ଷୀ, ବିଶେଷକରି ଆର୍ଦ୍ରଭୂମି ଓ ପ୍ରବାସୀ ପ୍ରଜାତି ଅଧ୍ୟୟନ ପାଇଁ ନିଜର ସାରାଜୀବନ ଉତ୍ସର୍ଗ କରିଥିଲେ । ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ୨୦୦୯ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଡକ୍ଟର ଉଦୟ ନାରାୟଣ ଦେବ 'A Checklist of Birds of Orissa in the Eastern Ghats' ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଲେଖା ପ୍ରସ୍ତୁତ କରିଥିଲେ, ଯେଉଁଥିରେ ୪୧୯ ପ୍ରଜାତି ଓ ଉପପ୍ରଜାତି ବିଷୟରେ ତଥ୍ୟ ରହିଛି ।

ସେ ୧୯୯୭ ମସିହାରେ 'Checklist of the Birds of Chilika' ପ୍ରକାଶ କରିଥିଲେ, ଯେଉଁଥିରେ ୧୫୯ ପକ୍ଷୀଙ୍କ ନାମ ଉଲ୍ଲେଖ କରାଯାଇଥିଲା । ପରେ ୧୯୯୮ ମସିହାରେ, ସେ 'Basics of Birdwatching and Field Ornithology in India' ନାମକ ପୁସ୍ତକଟି ଲେଖିଥିଲେ, ଯେଉଁଥିରେ ବିଭିନ୍ନ ପକ୍ଷୀ ପ୍ରଜାତି ବିଷୟରେ ବିସ୍ତୃତ ବର୍ଣ୍ଣନା କରାଯାଇଥିଲା । ଏହା ବ୍ୟତୀତ, ସେ ଶିମିଳିପାଳ, ଚିଲିକା ଓ ପୂର୍ବଘାଟ ଭଳି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପକ୍ଷୀ ବିବିଧତା ଓ ପ୍ରବାସ ଉପରେ ବ୍ୟାପକ ଗବେଷଣା କରିଥିଲେ । ପକ୍ଷୀ ସଂରକ୍ଷଣ ଓ ଆର୍ଦ୍ରଭୂମି ଅଧ୍ୟୟନରେ ଅମୂଲ୍ୟ ଅବଦାନ ଯୋଗୁଁ ସେ ଓଡ଼ିଶାର ଜଣେ ଅଗ୍ରଣୀ ପକ୍ଷୀ ବିଜ୍ଞାନୀ ଭାବରେ ସ୍ୱୀକୃତିଲାଭ କରିଛନ୍ତି ।



ଯୁଗ୍ମ ଭାବରେ ସମ୍ମାନୀତ

## ବର୍ଷ-୨୦୦୯

## ଡଃ ସୁନ୍ଦର ନାରାୟଣ ପାତ୍ର

ଅବସରପ୍ରାପ୍ତ ଅଧ୍ୟାପକ, ଓଡ଼ିଶା ପରିବେଶ ସମିତିର ପ୍ରତିଷ୍ଠାତା ସଚିବ (୧୯୮୨) ଏବଂ ବର୍ତ୍ତମାନ ସଭାପତି, ଭାରତୀୟ ବିଜ୍ଞାନ କଂଗ୍ରେସ ସମ୍ମେଳନର ଭୁବନେଶ୍ୱର ଅଧ୍ୟାୟର ପ୍ରତିଷ୍ଠାତା ଆବାହକ (୧୯୯୬ ରୁ ୨୦୦୬) ଗଞ୍ଜାମ, ଓଡ଼ିଶା

# ପରିଚୟ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର ଅଗଷ୍ଟ ୨୭, ୧୯୪୩ ରେ ଗଞ୍ଜାମ ଜିଲ୍ଲାର ନୂଆପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଉଦ୍ଭିଦ ବିଜ୍ଞାନରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଗ.ଝମ. (୧୯୬୭) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଚଷ.ଡ. (୧୯୮୬) ଡିଗ୍ରୀ ହାସଲ କରିଛନ୍ତି । ସେ ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ପ୍ରାୟ ୩୫ ବର୍ଷ ଧରି ଅଧ୍ୟାପନା କରିଛନ୍ତି । ୨୦୦୯ ମସିହାରେ ତାଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ସେ ୧୯୮୨ ମସିହା ଅକ୍ଟୋବରରେ ପ୍ରତିଷ୍ଠିତ ଓଡ଼ିଶା ପରିବେଶ ସମାଜର ପ୍ରତିଷ୍ଠାତା ସମ୍ପାଦକ (ଏବଂ ବର୍ତ୍ତମାନ ସଭାପତି) ଅଟନ୍ତି । ୧୯୯୬ ରୁ ୨୦୦୬ ପର୍ଯ୍ୟନ୍ତ, ସେ ଭାରତୀୟ ବିଜ୍ଞାନ କଂଗ୍ରେସ ସଂଗଠନର ଭୁବନେଶ୍ୱର ଅଧ୍ୟାୟର ପ୍ରତିଷ୍ଠାତା ସଂଯୋଜକ ଥିଲେ । ସେ ଇଣ୍ଡୋ-ନରୱେ ସହଯୋଗ ଅଧୀନରେ ଥିବା ଓଡ଼ିଶା ପରିବେଶ କାର୍ଯ୍ୟକ୍ରମ (୧୯୯୫-୨୦୦୦) ର ସଂଯୋଜନା ମଧ୍ୟ କରିଥିଲେ । ଶିକ୍ଷାଦାନ ଏବଂ ଗବେଷଣା ବୃତ୍ତି ବ୍ୟତୀତ, ସେ ବିଭିନ୍ନ ସଂଗଠନ ଏବଂ ଅନୁଷ୍ଠାନ ମାଧ୍ୟମରେ ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ, ଏବଂ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ।

ସେ ପରିବେଶ ଉପରେ ଗଠିତ ଓଡ଼ିଶା ବିଧାନସଭା ଗୃହ କମିଟିକୁ ଏକ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଥିଲେ ଏବଂ ଶିମିଳିପାଳ, ସାତକୋଶିଆ, ମହେନ୍ଦ୍ରଗିରି, ଏବଂ ଅନ୍ୟାନ୍ୟ ପ୍ରାକୃତିକ ବାସସ୍ଥାନ ପାଇଁ ଗଠିତ ବିଭିନ୍ନ କମିଟିରେ କାର୍ଯ୍ୟ କରିଥିଲେ । ସେ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଏବଂ ଏହାର ଷ୍ଟାଣ୍ଡିଂ କମିଟି, ଓଡ଼ିଶା ବିଜ୍ଞାନ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ, ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଭିନ୍ନ କମିଟିର ସଦସ୍ୟ ମଧ୍ୟ ରହିସାରିଛନ୍ତି ।

Jointly Awarded

**Year – 2009**

**Dr. Uday Narayan Dev**

Ornithologist, Researcher, Odisha

## Introduction

Dr. Dev is known as Pakshiraja in Odisha. His association with birds began at a very young age, and over his lifetime he devoted himself to the study of Indian birds, with a special focus on wetlands and migratory species. For his remarkable contributions to wildlife conservation, he was honoured with the State-level Biju Patnaik Wildlife Conservation Award in 2009.

## Contribution to Wildlife Conservation

Dr. Dev authored *"A Checklist of Birds of Orissa in the Eastern Ghats",* which documented 419 species and subspecies of birds. In 1997, he published *"Checklist of the Birds of Chilika",* listing 159 bird species. This was followed by *"Basics of Birdwatching and Field Ornithology in India" (1998).*

Beyond his publications, Dr. Dev carried out extensive research on bird migration, avian ecology, and species diversity across different landscapes of Odisha, including Similipal, Chilika, and the Eastern Ghats.



Jointly Awarded

**Year – 2009**

**Dr Sundara Narayana Patro**

Retired Professor, Founder Secretary (1982) and currently President of the Odisha Environment Society, Founder Convener of the Bhubaneswar Chapter of the Indian Science Congress Association (from 1996 to 2006), Ganjam, Odisha

## Introduction

Dr. Sundar Narayan Patro was born on August 27, 1943, in Nuapada village of Ganjam district. He earned his M.Sc. in Botany from Utkal University (1967) and his Ph.D. from Berhampur University (1986). He taught in various Govt Colleges in Odisha for about 35 years. In 2009, he was honored with the State Level Biju Patnaik Award for Wildlife Conservation.

## Contribution to Wildlife Conservation

He is the Founder Secretary (and now President) of the Orissa Environmental Society, established in October 1982. From 1996 to 2006, he was the Founder Convener of the Bhubaneswar Chapter of the Indian Science Congress Association. He also coordinated the Orissa Environment Programme (1995-2000), a project under Indo-Norwegian Cooperation. Beyond his teaching and research career, he has significantly contributed to environmental protection, nature conservation, and promoting scientific awareness through these organizations and other institutions. He was a special invitee to the Odisha Assembly House Committee on Environment and served on various committees, including those for Similipal, Satkosia, Mahendragiri, and other natural habitats. He was also a member of the State Board for Wildlife and its Standing Committee, the Executive Council of Odisha Bigyan Academy, and several committees of the State Pollution Control Board.




ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୧୦**

**ଶ୍ରୀ ସରୋଜ କୁମାର ପଟ୍ଟନାୟକ,** ଭା.ବ.ସେ
ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା

# ପରିଚୟ

୧୯୪୧ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସରୋଜ କୁମାର ପଟ୍ଟନାୟକ ଦେଶର ଜଣେ ପ୍ରସିଦ୍ଧ ବନ୍ୟପ୍ରାଣୀ ବିଶେଷଜ୍ଞ ଏବଂ ପ୍ରାଣୀଉଦ୍ୟାନ ଡିଜାଇନ୍ ଓ ପରିଚାଳନା କ୍ଷେତ୍ରରେ ଏକ ପରିଚିତ ନାମ । ସେ ତାଙ୍କ ସେବା ସମୟରେ ବନ୍ୟପ୍ରାଣୀ ସୁରକ୍ଷା ଅଧ୍କାରୀ, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ, ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି । ୧୯୮୨ ମସିହାରେ, ସେ ପ୍ରସିଦ୍ଧ ବନ୍ୟପ୍ରାଣୀ ବିଶେଷଜ୍ଞ ଶ୍ରୀ ସରୋଜ ରାଜ ଚୌଧୁରୀଙ୍କ ସହିତ ବନ୍ୟ ଦନ୍ତା ହାତୀ 'ଅଗସ୍ଥି'କୁ ଧରିବା ଏବଂ ତାଲିମ ଦେବା ଅଭିଯାନରେ ଅଂଶଗ୍ରହଣ କରିଥିଲେ । ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ତାଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ପ୍ରାୟ ୧୬ ବର୍ଷ ଧରି ଓଡ଼ିଶାର ବନ୍ୟପ୍ରାଣୀ କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ସେ ନନ୍ଦନକାନନ ଏବଂ ଭାରତର ଅନ୍ୟାନ୍ୟ ସ୍ଥାନରେ ପ୍ରାଣୀଉଦ୍ୟାନ ସ୍ଥାପନା ପାଇଁ ନୂତନ ଭିତ୍ତିଭୂମି ଏବଂ ପ୍ରାଣୀମାନଙ୍କ ପାଇଁ 'ଏନକ୍ଲୋଜର' (ଘେରା ସ୍ଥାନ)ର ପ୍ରଚଳନ ବିକଶିତ କରିଛନ୍ତି । ସେ ବନ୍ୟପ୍ରାଣୀଙ୍କ ଉପରେ 'Wildlife Wealth of Orissa' ଏବଂ 'Indian Zoo Yearbook' ଭଳି ପୁସ୍ତକ ମଧ୍ୟ ରଚନା କରିଛନ୍ତି । ସେ ପ୍ରାୟ ୭୦ରୁ ଅଧିକ ଗବେଷଣା ଓ ଲୋକପ୍ରିୟ ଲେଖା ପ୍ରକାଶ କରିବା ସହ ପ୍ରାଣୀଉଦ୍ୟାନ, ବନ୍ୟପ୍ରାଣୀ ଗବେଷଣା, ବନ୍ୟପ୍ରାଣୀ ଶିକ୍ଷା ଓ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ସହିତ ଜଡ଼ିତ ବିଭିନ୍ନ ବୈଷୟିକ କମିଟିର ସଦସ୍ୟ ହୋଇଛନ୍ତି ।

ସେହିପରି, ସେ IUCN ସଂରକ୍ଷଣ ପ୍ରଜନନ ବିଶେଷଜ୍ଞ ଗୋଷ୍ଠୀର ସଦସ୍ୟ ଏବଂ ଭାରତର ସୁପ୍ରିମକୋର୍ଟଙ୍କ ଦ୍ୱାରା କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟିର ସଦସ୍ୟ ଭାବରେ ମଧ୍ୟ ନିଯୁକ୍ତ ହୋଇ କାର୍ଯ୍ୟ କରିଛନ୍ତି । ତାଙ୍କର ରାଜ୍ୟର ବନ୍ୟପ୍ରାଣୀ ପରିଚାଳନାରେ ଦୀର୍ଘ ଅଭିଜ୍ଞତା ରହିଛି ।



ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୧୦**

**ଶ୍ରୀ ଅମରେନ୍ଦ୍ର ଲାଲ ବୋଷ**, ବରିଷ୍ଠ ସାମ୍ବାଦିକ

ମୟୁରଭଞ୍ଜ, ଓଡ଼ିଶା

# ପରିଚୟ

ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଅମରେନ୍ଦ୍ର ଲାଲ ବୋଷ ଓଡ଼ିଶାର ଜଣେ ବିଶିଷ୍ଟ ସାମ୍ବାଦିକ ଏବଂ ପରିବେଶବିତ୍ ଭାବରେ ଜଣାଶୁଣା । ସେ ତାଙ୍କ ଜୀବନର ଛଅ ଦଶନ୍ଧିରୁ ଅଧିକ ସମୟ ସାମ୍ବାଦିକତା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ପାଇଁ ଉତ୍ସର୍ଗ କରିଥିଲେ ।

ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ବୋଷଙ୍କୁ ୨୦୧୦ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ତାଙ୍କ ଲେଖା ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଜନସଚେତନତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସାରା ଓଡ଼ିଶାରେ ପ୍ରକୃତି ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାର ଆବଶ୍ୟକତା ବିଷୟରେ ସେ ପାଠକମାନଙ୍କୁ ସଚେତନ କରାଇଥିଲେ । ଏହାଦ୍ୱାରା, ସେ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିବାରେ ସଫଳ ହୋଇଥିଲେ । ତାଙ୍କର ଏହି ପ୍ରଚେଷ୍ଟା ଆଜିର ପିଢ଼ିକୁ ମଧ୍ୟ ପ୍ରେରଣା ଯୋଗାଉଛି ।

**Year – 2010**

**Shri Saroj Kumar Pattanaik,** IFS

Former PCCF Wildlife & Chief Wildlife Warden, Odisha

Jointly Awarded

## Introduction

Born in 1941, Shri Saroj Kumar Patnaik is a renowned wildlife expert and authority in zoo design and management. He held key positions including Wildlife Protection Officer, Director of Nandankanan Zoological Park, Chief Conservator of Forests (Wildlife), and Chief Wildlife Warden. In 1982, he assisted Shri Saroj Raj Choudhury in capturing and training the wild tusker "Agasthi." He received the Biju Pattnaik Wildlife Conservation Award (2009–10) for his outstanding contributions.

## Contribution to Wildlife Conservation

For nearly 16 years, he played a key role in developing Odisha's wildlife sector and introduced new concepts in zoo and enclosure design at Nandankanan and across India. He authored Wildlife Wealth of Orissa and Indian Zoo Yearbook, published over 70 articles, and served on expert committees on zoos, wildlife research, education, and environmental impact. He was also a member of the IUCN Conservation Breeding Specialist Group and the Central Empowered Committee of the Supreme Court of India. He has long experience in managing terrestrial and aquatic wildlife of the state.

**Year – 2010**

**Shri Amarendra Lal Bose**, Senior Journalist

Mayurbhanj, Odisha

Jointly Awarded

## Introduction

Born in Baripada, Mayurbhanj, Shri Amarendra Lal Bose is a distinguished journalist and environmentalist of Odisha. He devoted more than six decades of his life to journalism and to spreading awareness on wildlife conservation. For his lifelong contributions, he was honoured with the State-level Biju Patnaik Wildlife Conservation Award in 2010.

## Contribution to Wildlife Conservation

Through his writings, Shri Bose played a pivotal role in enhancing public awareness about wildlife conservation. His columns and articles sensitised readers across Odisha on the urgent need to protect nature and wildlife. His consistent advocacy inspired communities and decision-makers alike to take steps towards conservation.





ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୧୧**

## ଡକ୍ଟର ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ

**ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ପଶୁଚିକିତ୍ସା ବିଶେଷଜ୍ଞ (ନନ୍ଦନକାନନ), ଓଡ଼ିଶା**

# ପରିଚୟ

ଡକ୍ଟର ଏଲ୍.ଏନ୍. ଆଚାର୍ଯ୍ୟ (୧୯୩୬-୨୦୨୫) ଜଣେ ବିଶିଷ୍ଟ ବନ୍ୟପ୍ରାଣୀ ଚିକିତ୍ସକ ଏବଂ ସଂରକ୍ଷଣବିତ୍ ଅଟନ୍ତି । ତାଙ୍କର ଜୀବନବ୍ୟାପୀ କାର୍ଯ୍ୟ ଭାରତରେ ବନ୍ୟପ୍ରାଣୀଙ୍କ ସ୍ୱାସ୍ଥ୍ୟ ପ୍ରତି ଥିବା ଲୋକଙ୍କ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିଥିଲା । ଓଡ଼ିଶାରେ ବନ୍ୟପ୍ରାଣୀଙ୍କ ଯତ୍ନ, ପ୍ରଜନନ ଏବଂ ପ୍ରାଣୀ ଉଦ୍ୟାନରେ ବନ୍ୟପ୍ରାଣୀ ପରିଚାଳନା କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୧୧ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ସେ ତାଙ୍କ ଜୀବନକାଳ ମଧ୍ୟରେ ପ୍ରାୟ ୨,୦୦୦ରୁ ଅଧିକ ବନ୍ୟପ୍ରାଣୀଙ୍କ ପୋଷ୍ଟମର୍ଟମ୍ କରିଥିବା ସହ ବିଲୁପ୍ତପ୍ରାୟ ପ୍ରଜାତି ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ପ୍ରୋଟୋକଲ୍ (ପଦ୍ଧତିଗତ ସ୍ୱାସ୍ଥ୍ୟ ନିୟମାବଳୀ) ବିକଶିତ କରିଛନ୍ତି ।

ସେ ଭାରତରେ ବନ୍ୟପ୍ରାଣୀ ପଶୁଚିକିତ୍ସା ବିଜ୍ଞାନର ମୂଳଦୁଆ ସ୍ଥାପନ କରିଛନ୍ତି । ଏଥିସହ, ସେ ଅନେକ ପିଢ଼ିର ପଶୁଚିକିତ୍ସା ବିଶେଷଜ୍ଞ, ବନ ଅଧିକାରୀ ଏବଂ ଜୀବବିଜ୍ଞାନୀମାନଙ୍କୁ ମାର୍ଗଦର୍ଶନ ଓ ତାଲିମ ଦେଇଛନ୍ତି ।



ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୧୧**

**ଶ୍ରୀ ପ୍ରସନ୍ନ କୁମାର ବେହେରା**

**ପରିବେଶବିତ, ଆଇନଜୀବୀ, ଅନୁଗୁଳ, ଓଡ଼ିଶା**

# ପରିଚୟ

ଶ୍ରୀ ପ୍ରସନ୍ନ କୁମାର ବେହେରା ଅନୁଗୁଳ ଜିଲ୍ଲା ଟାଇଁସି ଗ୍ରାମରେ ୧୯୮୦ ମସିହା ଡିସେମ୍ବର ମାସ ଜନ୍ମ ଗ୍ରହଣ କରିଥିଲେ । ପେଶାରେ ଶ୍ରୀ ବେହେରା ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ, ପରିବେଶ ତଥା ବନ୍ୟପ୍ରାଣୀଙ୍କ ପ୍ରତି ତାଙ୍କର ଅହେତୁକ ଭଲପାଇବା ସମଗ୍ର ଅଞ୍ଚଳରେ ଖ୍ୟାତ ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ବେହେରା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ବନ୍ୟପ୍ରାଣୀ ଓ ଜୈବବିବିଧତାର ସଂରକ୍ଷଣ ପାଇଁ ନାନାବିଧ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ସ୍ଥାନୀୟ ଅଧିବାସୀଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କରେ ସଚେତନ କରାଇବା, ବିଭିନ୍ନ ବିକଳ୍ପ ଉପାୟରେ ଜଙ୍ଗଲ ଉପରୁ ନିର୍ଭରତା ହ୍ରାସ କରିବାରେ ତାଙ୍କର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ମାନବ-ହାତୀ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମିତ୍ତ ସଚେତନତା ଅଭିଯାନ ଆୟୋଜିତ କରିବା ଏବଂ ହାତୀ ଜନିତ ସଂଘର୍ଷରେ ପ୍ରଭାବିତ ହେଉଥିବା ଜନସାଧାରଣଙ୍କୁ ସରକାରୀ ସହାୟତା ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଜନସାଧାରଣଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ସମ୍ପର୍କରେ ଅବଗତ କରାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ତାଲିମ ଅଭିଯାନ, କର୍ମଶାଳାମାନ ଆୟୋଜନ କରିଛନ୍ତି ।

Jointly Awarded

**Year – 2011**

**Dr. Lakshmi Narayan Acharjyo**

Former Chief Wildlife Veterinarian
(Nandankanan), Odisha

## Introduction

Dr. L. N. Acharjyo (1936–2025) was a distinguished wildlife veterinarian and conservationist whose lifelong work transformed the perception of wildlife health in India. For his lifetime contributions towards wildlife care, breeding, and zoo-based wildlife management in Odisha, he was honoured with the State-level Biju Patnaik Wildlife Conservation Award in 2011.

## Contribution to Wildlife Conservation

Throughout his career, Dr. Acharjyo conducted over 2,000 post-mortems of wild animals and developed systematic health protocols for endangered species. He laid the foundations of wildlife veterinary science in India, guiding and training generations of veterinarians, forest officers, and biologists.



Jointly Awarded

**Year – 2011**

**Shri Prasanna Kumar Behera**

Environmentalist, Advocate, Angul, Odisha

## Introduction

Shri Prasanna Kumar Behera was born in December 1980 in Tainsi village of Angul district. Although a lawyer by profession, he is widely known across the region for his selfless love and deep concern for the environment and wildlife.

## Contribution to Wildlife Conservation

Shri Behera has organized various programmes for the conservation of wildlife and biodiversity in the Satkosia Tiger Reserve. His initiatives to raise awareness among local residents about wildlife conservation and to promote alternative livelihoods that reduce dependency on forests are highly commendable. He has played a key role in organizing awareness campaigns promoting peaceful human-elephant coexistence and in ensuring that government assistance reaches people affected by elephant-related conflicts. To educate local communities about wildlife protection laws, he has conducted numerous awareness drives, training sessions, and workshops in the region.





**ବର୍ଷ-୨୦୧୨**

## ଶ୍ରୀ ଶ୍ୟାମା ଓମ୍ ପ୍ରସାଦ ମିଶ୍ର

**ଚଢ଼େଇ ସଂରକ୍ଷଣ ଅଭିଯାନକାରୀ**

**ସୁବର୍ଣ୍ଣପୁର, ଓଡ଼ିଶା**

# ପରିଚୟ

ସୁବର୍ଣ୍ଣପୁରର ଶ୍ରୀ ଶ୍ୟାମା ଓମ୍ ପ୍ରସାଦ ମିଶ୍ର ଜଣେ ଉତ୍ସର୍ଗୀକୃତ ସଂରକ୍ଷଣବାଦୀ । ହ୍ରାସ ପାଉଥିବା ଘରଚଟିଆମାନଙ୍କ ସଂଖ୍ୟାକୁ ପୁନରୁଦ୍ଧାର କରିବା ପାଇଁ ସେ ୨୦୧୧ ମସିହାରେ "ଆ ଫେରିଆ ଘରଚଟିଆ" ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରିଥିଲେ । ପକ୍ଷୀ ସଂରକ୍ଷଣ ପ୍ରତି ତାଙ୍କର ଏହି ବିଶେଷ ପ୍ରୟାସ ପାଇଁ, ତାଙ୍କୁ ୨୦୧୨ ମସିହାରେ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ମିଶ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଆ ଫେରିଆ ଘରଚଟିଆ' ନାମକ ଗଣ ଆନ୍ଦୋଳନ ପରେ ଛାତ୍ରଛାତ୍ରୀ, ପକ୍ଷୀପ୍ରେମୀ, ସ୍ୱେଚ୍ଛାସେବୀ ସଂଗଠନ, ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ନେଇ ଏକ ବୃହତ୍ ପ୍ରମୁଖ ଅଭିଯାନରେ ପରିଣତ ହୋଇଥିଲା ।

ତାଙ୍କ ପ୍ରୟାସରେ ସୁବର୍ଣ୍ଣପୁରରେ ଚଢ଼େଇଙ୍କ ସଂଖ୍ୟା ୧୦,୦୦୦ରୁ ଅଧିକ ବୃଦ୍ଧି ପାଇଛି ଏବଂ ଏହି ଅଭିଯାନଟି ବଲାଙ୍ଗୀର, ବୌଦ୍ଧ ଏବଂ ସମ୍ବଲପୁର ଭଳି ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଛି ।

ଶ୍ରୀ ମିଶ୍ର 'ଆ ଫେରିଆ ଘରଚଟିଆ' ନାଁରେ ଏକ କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ, ଯାହାକୁ ସ୍କୁଲ ଏବଂ ବିଭିନ୍ନ ମଂଚରେ ପ୍ରଦର୍ଶନ କରାଯାଉଛି ।

**Year – 2012**

## Shri Shyama Om Prasad Mishra

Sparrow Conservation Campaigner, Subarnapur, Odisha

# Introduction

Shyama Om Prasad Mishra from Subarnapur, Odisha, is a dedicated conservationist who, in 2011, launched the campaign "Aa Feri A Ghar Chatia" (Come Back, House Sparrow). The initiative was started to restore the declining population of house sparrows. In recognition of his efforts towards bird conservation, he was conferred with the State-level Biju Pattnaik Wildlife Conservation Award in 2012.

# Contribution to Wildlife Conservation

The mass movement *"Aa Feri A Ghar Chatia"* initiated by Shri Mishra gradually transformed into a major campaign involving students, bird lovers, volunteer organizations, the Forest Department, and the district administration. Due to his efforts, the sparrow population in Subarnapur has increased by more than 10,000, and the campaign has positively influenced other districts such as Balangir, Boudh and Sambalpur. Shri Mishra also directed a short film titled "*Aa Feri A Ghar Chatia",* which has been screened in schools and on various platforms.



ଯୁଗ୍ମ ଭାବରେ ସମ୍ମାନୀତ



## ବର୍ଷ-୨୦୧୩

## ଡକ୍ଟର ଲାଲା ଅଶ୍ୱିନୀ କୁମାର ସିଂହ

ବରିଷ୍ଠ ବନ୍ୟପ୍ରାଣୀ ଗବେଷଣା ଅଧିକାରୀ

ପୁରୀ, ଓଡ଼ିଶା

# ପରିଚୟ

ଡ଼. ଲାଲା ଅଶ୍ୱିନୀ କୁମାର ସିଂହ ୧୯୫୩ ମସିହା ଜୁନ୍ ମାସରେ ପୁରୀ ସହରରେ ଜନ୍ମଗ୍ରହଣ କରିଥିଲେ । ୧୯୭୪ ମସିହାରୁ ଡ଼. ସିଂ ଙ୍କ ୫୦ ବର୍ଷର ପ୍ରତିବଦ୍ଧତା ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଆଣିଛି । ସେ ପ୍ରାଥମିକ ଗବେଷଣା ମାଧ୍ୟମରେ ଜ୍ଞାନ ଭିତ୍ତିକ ତଥ୍ୟାବଳୀ (knowledge databases) ବିକଶିତ କରିବାରେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି, ଯାହା ଜୈବବିବିଧତା ଉପରେ ଗବେଷଣା ପାଇଁ ଅତ୍ୟାବଶ୍ୟକ ବୈଜ୍ଞାନିକ ଜ୍ଞାନ ପ୍ରଦାନ କରିଛି । ଏହା ସହିତ, ସେ ନିଜର ଦୀର୍ଘ ଦଶନ୍ଧିର ଗବେଷଣା ମାଧ୍ୟମରେ ସଂରକ୍ଷିତ ଅଞ୍ଚଳଗୁଡ଼ିକର ଯୋଜନା ଏବଂ ପରିଚାଳନାକୁ ରୂପ ଦେଇଛନ୍ତି । ଏହା ବ୍ୟତୀତ, ଡ଼. ସିଂହ ବନବିଭାଗର କ୍ଷମତା ନିର୍ମାଣ (capacity building)ଦିଗରେ ନିଜକୁ ଉତ୍ସର୍ଗ କରିଛନ୍ତି, ଅଗଣିତ କ୍ଷେତ୍ରୀୟ ବନ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁଙ୍କୁ ତାଲିମ ଦେଇଛନ୍ତି, ଯାହା ଆମର ଜୈବବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଏକାଧିକ ସୁଦକ୍ଷ ସଂରକ୍ଷଣବାଦୀଙ୍କୁ ସୃଷ୍ଟି କରିଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଡଃ ସିଂହ ଦୀର୍ଘ ପଚାଶ ବର୍ଷବ୍ୟାପୀ କୁମ୍ଭୀର ଗବେଷଣା ଓ ସଂରକ୍ଷଣ ଦିଗରେ ନିରନ୍ତର ଗବେଷଣା ଭିତ୍ତିକ ଜ୍ଞାନ କୌଶଳ ପ୍ରୟୋଗ କରି କୁମ୍ଭୀର ବଂଶର ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ଅବଦାନ କରିଛନ୍ତି । ୧୯୭୫ ମସିହାରେ ସେ ମହାନଦୀ କୂଳରେ ନୂତନ ଭାବରେ ସ୍ଥାପିତ 'ଘଡ଼ିଆଳ ଗବେଷଣା ଏବଂ ସଂରକ୍ଷଣ କେନ୍ଦ୍ର'ର ଗବେଷଣା ଏବଂ ପରିଚାଳନାରେ କାର୍ଯ୍ୟରତ ଥିଲେ । କୁମ୍ଭୀର ପୁନରୁଦ୍ଧାର କାର୍ଯ୍ୟକ୍ରମରେ ସେ ଟିକରପଡ଼ା ଘଡ଼ିଆଳ କୁମ୍ଭୀର ଯୋଜନା ପାଇଁ ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ନଦୀରୁ ଅଣ୍ଡା ଓ ଛୁଆ ସଂଗ୍ରହ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ଏଥିସହ, ୧୯୭୭ ମସିହାରେ ନେପାଳର Chitwan ଜାତୀୟ ଉଦ୍ୟାନରୁ ଘଡ଼ିଆଳ ଛୁଆ ଭାରତକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ୧୯୮୭-୨୦୦୩ ମଧ୍ୟରେ ରାମତୀର୍ଥ-ଯଶୀପୁର କୁମ୍ଭୀର ପ୍ରକଳ୍ପ ମାଧ୍ୟମରେ ଶିମିଳିପାଳରୁ ଲୋପ ପାଇଥିବା ଗୋମୁହାଁ କୁମ୍ଭୀର ବଂଶକୁ ପୁନରୁଦ୍ଧାର କରିବାରେ ସଫଳ ହୋଇଥିଲେ । ସେ କୁମ୍ଭୀର, ମହାବଳ ବାଘ, ହାତୀ, ମଧୁର-ଜଳ କଇଁଛ ତଥା ପକ୍ଷୀମାନଙ୍କ ସଂରକ୍ଷଣ ପାଇଁ ରେଡିଓ ଟ୍ରାକିଙ୍ଗ୍ ସମେତ ଅନ୍ୟାନ୍ୟ ଜ୍ଞାନ କୌଶଳରୁ ଲବ୍ଧ ଫଳାଫଳଗୁଡ଼ିକୁ ବିଭିନ୍ନ ଗବେଷଣାମୂଳକ ପତ୍ର ପତ୍ରିକାରେ ପ୍ରକାଶ କରିଛନ୍ତି ।



ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୧୩**

**ଶ୍ରୀ ସ୍ୱରାଜ କୁମାର କହଁର**

ସମାଜସେବୀ ଓ ବନ୍ୟପ୍ରାଣୀ ସଂରକ୍ଷଣବିତ୍

ବୌଦ୍ଧ ଜିଲ୍ଲା

# ପରିଚୟ

ଶ୍ରୀ ସ୍ୱରାଜ କୁମାର କହଁର ନଭେମ୍ବର ୨୫, ୧୯୬୯ରେ ଓଡ଼ିଶାର ବୌଦ୍ଧ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ସମାଜସେବୀ ତଥା ଜଣେ ଉତ୍ସର୍ଗୀକୃତ ବନ୍ୟପ୍ରାଣୀ ସଂରକ୍ଷଣବିତ । ବନ୍ୟପ୍ରାଣୀ ସଂରକ୍ଷଣରେ ତାଙ୍କର ସକ୍ରିୟ ଆଗ୍ରହକୁ ଦେଖି ୨୦୦୯ ଓ ୨୦୧୧ ମସିହାରେ ତାଙ୍କୁ ବୌଦ୍ଧ ଜିଲ୍ଲାର ସମ୍ମାନଜନକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବରେ ନିଯୁକ୍ତ କରାଯାଇଥିଲା । ଓଡ଼ିଶା ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୧୩ ମସିହାରେ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ସ୍ୱରାଜ କୁମାର କହଁର ୧୯୮୭ ମସିହାରୁ ବୌଦ୍ଧ ଓ ସୁବର୍ଣ୍ଣପୁର ବନ ଡିଭିଜନରେ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକଳାପରେ ସକ୍ରିୟ ଅଂଶଗ୍ରହଣ କରି ଆସୁଛନ୍ତି । ବନ ବିଭାଗକୁ ଶ୍ରୀ କହଁରଙ୍କର ସମର୍ଥନ ସୁଦୃଢ଼ ଥିଲା ଏବଂ ସେ ସୋନପୁରରୁ ଏକ ଶାରୀ (Hill Mynah) ଓ ତେଲ ନଦୀରୁ ଏକ ଚିତ୍ରା ହରିଣ (Spotted Deer) କୁ ଉଦ୍ଧାର କରିବାରେ ସହଯୋଗ କରିଥିଲେ । ସେ ବିଭିନ୍ନ ସମୟରେ ସଚେତନତା ଅଭିଯାନ, କର୍ମଶାଳା, ଶିକାରୀ ବିରୋଧୀ ଅଭିଯାନ (Anti-Poaching Drives) ଆୟୋଜନ କରିବା ସହ ଅପରାଧ ଚିହ୍ନଟ ଏବଂ ଭି.ଏସ୍.ଏସ୍. (VSS) କାର୍ଯ୍ୟକଳାପରେ ମଧ୍ୟ ସହାୟତା କରିଥିଲେ । ପରିବେଶ ସୁରକ୍ଷା ଦିଗରେ ତାଙ୍କର ଏହି ଅବଦାନ ପାଇଁ ସେ ପ୍ରକୃତି ବନ୍ଧୁ ପୁରସ୍କାର (୧୯୯୭-୯୮) ଏବଂ ସି.ପି.ଆର. ପରିବେଶ ଶିକ୍ଷା କେନ୍ଦ୍ର ପୁରସ୍କାର (୨୦୦୭) ରେ ସମ୍ମାନିତ ହୋଇଛନ୍ତି ।

**Year – 2013**

**Dr. Lala Aswini Kumar Singh**

Member, State Board for Wildlife (2013-16)

Puri, Odisha

Jointly Awarded

## Introduction

Dr. Lala Ashwin Kumar Singh was born in June 1953 in Puri City. Since 1974, Dr. Singh's 50-year commitment has significantly advanced biodiversity conservation. He meticulously developed knowledge databases through primary research, providing crucial scientific understanding. Simultaneously, he shaped the planning and management of protected areas through scientific research. Furthermore, Dr. Singh dedicated himself to capacity building, training countless in-situ staff and mentoring students, creating a legacy of skilled conservationists vital for safeguarding our biodiversity.

## Contribution to Wildlife Conservation

For over five decades, Dr. Singh has advanced crocodile conservation through research-based methods. Starting in 1975 at the Gharial Research and Conservation Centre on the Mahanadi, he brought gharial eggs and hatchlings for the Tikarpada Project from Bihar, Madhya Pradesh, Uttar Pradesh, and in 1977 from Nepal's Chitwan National Park. Between 1987–2003, he revived the extinct Mugger Crocodile (Gomuhan Kumbhira) in Similipal through the Ramtirtha-Jashipur Project. Using techniques like radio-tracking, he also documented conservation findings on crocodiles, tigers, elephants, freshwater turtles, and birds.



**Year – 2013**

**Shri Swaraj Kumar Kanhar**

Social Worker and Wildlife Conservationist

Boudh, Odisha

**Jointly Awarded**

# Introduction

Shri Swaraj Kumar Kanhar was born on November 25, 1969, in the Boudh District of Odisha. He is a social worker and a deeply dedicated wildlife conservationist. Recognizing his active interest in wildlife conservation, he was appointed as the Honorary Wildlife Warden of Boudh District in 2009 and 2011. In 2013, he was honored by the Government of Odisha with the Biju Patnaik State Level Award for Wildlife Conservation.

# Contribution to Wildlife Conservation

Sri Swaraj Kumar Kanhar has been actively involved in wildlife conservation activities in the Boudh and Subarnapur Forest Divisions since 1987. Sri Kanhar's support for the Forest Department was strong, and he assisted in rescuing wildlife such as a Hill Mynah from Sonepur and a Spotted Deer from the Tel River. He also helped organize awareness campaigns, workshops, and Anti-Poaching Drives, along with aiding in crime detection and V.S.S. (Village Forest Committee) activities. For his contributions to environmental protection, he has been honored with the Prakruti Bandhu Puraskar (1997–98) and the C.P.R. Environmental Education Centre Award (2007).





**ବର୍ଷ-୨୦୧୪**

## ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଡି

**ଜୀବବିଜ୍ଞାନୀ, ପୂର୍ବତନ କୁଳପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ**

# ପରିଚୟ

ପଦ୍ମଶ୍ରୀ ପ୍ରଫେସର ଡକ୍ଟର ପ୍ରିୟମ୍ବଦା ମହାନ୍ତି ହେଜମାଡି ଜଣେ ବହୁମୁଖୀ ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ, କଳା ଲେଖିକା, ଜୀବବିଜ୍ଞାନୀ ଏବଂ ଶିକ୍ଷାବିତ୍ । ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହେବା ସହିତ ସେ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନସ୍ଜେର ଫେଲୋ ମଧ୍ୟ ଅଟନ୍ତି । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ ୧୯୯୮ ରେ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା । ସେ ପ୍ରାଣୀ ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିଥିଲେ ଏବଂ ମିଚିଗାନ୍ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଥିଲେ । ୨୦୧୩-୧୪ ମସିହାରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛ ସଂରକ୍ଷଣ ତଥା ଓଡ଼ିଶାର ଗହିରମଥା ଉପରେ ତାଙ୍କର ଗବେଷଣା ନିମନ୍ତେ ଆଜୀବନ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବରେ ନିଜର ପରିଚୟ ବ୍ୟତୀତ, ସେ ଜଣେ ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ମଧ୍ୟ ଏବଂ ଓଡ଼ିଶୀ ନୃତ୍ୟର ପୁନରୁଦ୍ଧାର ତଥା ଲୋକପ୍ରିୟତା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ବନ୍ୟପ୍ରାଣୀ ସଂରକ୍ଷଣରେ ତାଙ୍କର ବୈଜ୍ଞାନିକ ଅବଦାନ ଗୁରୁତ୍ୱପୂର୍ଣ୍ଣ, ବିଶେଷକରି ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛ *(Lepidochelys olivacea)* ଉପରେ ତାଙ୍କର ଗଭୀର ଅଧ୍ୟୟନ । ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ, 'ଏ ଷ୍ଟଡି ଅଫ୍ ଇକୋଲୋଜି, ବ୍ରିଡିଂ ପ୍ୟାଟର୍ନ, ଡେଭଲପମେଣ୍ଟ ଆଣ୍ଡ କାରିଓଟାଇପ୍ ପ୍ୟାଟର୍ନସ୍' ଏହି କଇଁଛମାନଙ୍କର ଜୀବନଚକ୍ର ଏବଂ ବୈଶିଷ୍ଟ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ପ୍ରଦାନ କରିଥାଏ । ତାଙ୍କର ଗବେଷଣା ନିଃସନ୍ଦେହରେ ଏହି ପ୍ରଜାତି ଏବଂ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନଗୁଡ଼ିକୁ ସଂରକ୍ଷଣ କରିବାରେ ଆମର ପ୍ରୟାସକୁ ଆଗକୁ ବଢ଼ାଇଛି ।

**Year – 2014**

## Dr. Priyambada Mohanty Hejmadi

Biologist, Odissi Dancer, Former Vice-Chancellor,
Sambalpur University

# Introduction

Padma Shri Professor Dr. Priyambada Mohanty Hejmadi wears many hats: classical Odissi dancer, art writer, biologist and academician. A former vice chancellor of Sambalpur University, she is also a fellow of the Indian Academy of Sciences. She was awarded Padma Shri in 1998 for her contribution to science and technology. She pursued her studies in Zoology and obtained a PhD from the University of Michigan. She was honored with the Biju Patnaik State Level Award for Wildlife Conservation in 2013-14 for her lifelong, outstanding contributions to Olive Ridley sea turtle conservation and her research at Gahirmatha, Odisha. Beyond her identity as a distinguished scientist, she is also a prominent classical dancer and played a major role in the revival and popularization of Odissi dance.

# Contribution to Wildlife Conservation

Her scientific contributions extend significantly to wildlife conservation, particularly through her in-depth study of the olive ridley sea turtle (Lepidochelys olivacea). Her notable work, "A study of ecology, breeding patterns, development and karyotype patterns," provides crucial insights into the life cycle and characteristics of these turtles, focusing specifically on the Gahirmatha coast of Odisha—a globally significant nesting site. Her research has undoubtedly advanced our understanding and efforts in conserving this species and their crucial habitats.Nrutya Samman – 2013. Many of her research articles on biodiversity conservation have been published internationally.





**ବର୍ଷ-୨୦୧୫**

## ଶ୍ରୀ ଶତ୍ରୁଘ୍ନ ରାଉତ

**ବନ୍ୟପ୍ରାଣୀ ସଂରକ୍ଷଣ କର୍ମୀ, ମୟୂରଭଞ୍ଜ,ଓଡ଼ିଶା**

# ପରିଚୟ

ଶ୍ରୀ ଶତ୍ରୁଘ୍ନ ରାଉତ ମୟୂରଭଞ୍ଜ ଜିଲ୍ଲାର ଜଣେ ଉତ୍ସର୍ଗୀକୃତ ସଂରକ୍ଷଣବିତ୍ ଅଟନ୍ତି । ବନ୍ୟପ୍ରାଣୀ ସୁରକ୍ଷା ଏବଂ ଶିକାର ବିରୋଧୀ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଦୀର୍ଘକାଳୀନ ଅବଦାନ ରହିଛି । ତାଙ୍କୁ ୨୦୧୫ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ରାଉତ ବନ ବିଭାଗର ବିଭିନ୍ନ ସଂରକ୍ଷଣ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ସହିତ ବନ୍ୟପ୍ରାଣୀ ଶିକାର ଉପରେ ନଜର ରଖିବା ପାଇଁ ଟ୍ରାପ୍ କ୍ୟାମେରା ବ୍ୟବହାରକୁ ପ୍ରୋତ୍ସାହିତ କରିଛନ୍ତି । ସେ ଗ୍ରାମାଞ୍ଚଳରେ ସଚେତନତା ଅଭିଯାନ ଆରମ୍ଭ କରିବା ସହ ମାମଲା ରେକର୍ଡ, ପ୍ରସିକ୍ୟୁସନ୍ ରିପୋର୍ଟ ଏବଂ ବୈଷୟିକ ଉପକରଣ (ଯଥା: ମୋବାଇଲ୍ ଟ୍ରାକିଂ, ଫୋରେନସିକ୍ ତଦନ୍ତ)ର ବ୍ୟବହାରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

**Year – 2015**

**Shri Satrughna Rout**

Wildlife Conservationist Mayurbhanj, Odisha

## Introduction

Shri Satrughna Rout is a dedicated conservationist from Mayurbhanj district with long-standing contributions in wildlife protection and anti-poaching efforts. In recognition of his service, he was honored with the State-level Biju Patnaik Wildlife Conservation Award in 2015 by the Government of Odisha.

## Contribution to Wildlife Conservation

Mr. Rout has actively participated in various protection activities of the Forest Department, particularly in wildlife anti-poaching surveillance by promoting the use of trap cameras. His efforts extend from organizing awareness campaigns in villages to maintaining case records, preparing prosecution reports, and ensuring transparency in the use of modern tools such as mobile tracking and forensic investigation.





**ବର୍ଷ-୨୦୧୬**

## ଶ୍ରୀ ଗୌରାଙ୍ଗ ଚରଣ ରାଉତ

ବନ୍ୟପ୍ରାଣୀ ସଂରକ୍ଷଣବିତ୍

# ପରିଚୟ

ଶ୍ରୀ ଗୌରାଙ୍ଗ ଚରଣ ରାଉତ ଓଡ଼ିଶାର ଜଣେ ପ୍ରସିଦ୍ଧ ବନ୍ୟପ୍ରାଣୀ ଓ ଜଙ୍ଗଲ ସଂରକ୍ଷଣବିତ୍ ଅଟନ୍ତି, ଯିଏ ନିଜର ସମଗ୍ର ଜୀବନ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଉତ୍ସର୍ଗ କରିଛନ୍ତି । ୨୦୧୬ ମସିହାରେ, ପରିବେଶ ସୁରକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ସେ ଚନ୍ଦକା ଓ ଶିମିଳିପାଳ ଭଳି ଅଞ୍ଚଳରେ ହାତୀ ସୁରକ୍ଷା ଏବଂ ମଣିଷ-ହାତୀ ସଂଘର୍ଷ କମାଇବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଛନ୍ତି । ସେ ଅଲିଭ୍ ରିଡ଼ଲେ କଇଁଛ ଓ ବଉଳା କୁମ୍ଭୀର ଭଳି ବିରଳ ପ୍ରଜାତିର ଜୀବଙ୍କୁ ସୁରକ୍ଷା ଦେବା ପାଇଁ ବହୁ ପରିଶ୍ରମ କରିଛନ୍ତି । ସଚେତନତା କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟର ଲୋକଙ୍କୁ ସାମିଲ କରି ସେ ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ସହ ଜଙ୍ଗଲ ସଂରକ୍ଷଣ, ବନ୍ୟପ୍ରାଣୀ ଶିକାର ରୋକିବା ଏବଂ ସ୍ଥାୟୀ ବନ୍ୟପ୍ରାଣୀ ପରିଚାଳନା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ।

**Year – 2016**

**Shri Gouranga Charan Raut**

Wildlife Conservationist

## Introduction

Shri Gouranga Charan Raut is a well-known wildlife and forest conservationist from Odisha who has dedicated his entire life to the protection of forests and wildlife. In 2016, he was honored with the Biju Patnaik Wildlife Award for his remarkable contributions to environmental protection.

## Contribution to Wildlife Conservation

He has actively worked for elephant protection and to mitigate human-elephant conflict in regions like Chandaka and Similipal. He has put significant effort into protecting rare species such as the Olive Ridley sea turtle and the Saltwater Crocodile. Through awareness campaigns and community engagement, he has promoted coexistence between humans and wildlife while taking numerous steps for forest conservation, prevention of wildlife poaching, and sustainable wildlife management.





**ବର୍ଷ-୨୦୧୭**

**ଶ୍ରୀ ଚକ୍ରଧର ହେମ୍ବ୍ରମ**

**ବନ୍ୟପ୍ରାଣୀ ପ୍ରହରୀ, କରଞ୍ଜିଆ ବନଖଣ୍ଡ, (୨୦୧୬)**

**ମୟୂରଭଞ୍ଜ, ଓଡ଼ିଶା**

# ପରିଚୟ

ଶ୍ରୀ ଚକ୍ରଧର ହେମ୍ବ୍ରମ ମୟୂରଭଞ୍ଜ ଜିଲ୍ଲାର କାଳିଆଣି ଗ୍ରାମଠାରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନୁ ହିଁ ସେ କଳା, ସଙ୍ଗୀତ, ନୃତ୍ୟ ଏବଂ ଆଦିବାସୀ ଲୋକ ସଂସ୍କୃତି ପ୍ରତି ଗଭୀର ଆଗ୍ରହ ଦେଖାଇଥିଲେ । ସେ ତାଙ୍କ ପାଠପଢ଼ା ସମାପ୍ତ କରିବା ପରେ, ସମାଜସେବାରେ ସାମିଲ ହୋଇ ଆଦିବାସୀ ବିକାଶ, କଳା, ସଂସ୍କୃତି ଏବଂ ଗ୍ରାମୀଣ କଲ୍ୟାଣ କ୍ଷେତ୍ରରେ ସକ୍ରିୟ ରହିଥିଲେ । ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ହେମ୍ବ୍ରମଙ୍କୁ ୨୦୧୭ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ଚକ୍ରଧର ହେମ୍ବ୍ରମ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ 'ଜାହିରା' ପରମ୍ପରା ମାଧ୍ୟମରେ ୧୦୦ରୁ ଅଧିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହା ସହିତ, ସେ ୩୬୦ ଜଣ ଶିକାରୀଙ୍କୁ ଶିକାର ଛାଡ଼ିବାକୁ ପ୍ରେରଣା ଦେଇ ସେମାନଙ୍କୁ ବିକଳ୍ପ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ଗ୍ରାମୀଣ ସମୁଦାୟଙ୍କ ଜଙ୍ଗଲ ଉପରେ ନିର୍ଭରଶୀଳତା ହ୍ରାସ କରିବା ଉଦ୍ଦେଶ୍ୟରେ, ସେ ବିହନ ବଣ୍ଟନ, ଚେକ୍ ଡ୍ୟାମ୍ ନିର୍ମାଣ, ମିନି ଚାଉଳ ହଲର୍ ମେସିନ୍ ବଣ୍ଟନ, ଗ୍ରାମୀଣ କ୍ରୀଡ଼ା ଏବଂ EDC/ VSS ସଶକ୍ତିକରଣ ଭଳି ପଦକ୍ଷେପ ଆରମ୍ଭ କରିଛନ୍ତି । ୨୦୧୨ ମସିହାରୁ, ସେ 'ଶିମିଳିପାଳ ମହୋତ୍ସବ' ଆୟୋଜନ କରିଆସୁଛନ୍ତି, ଯାହା ଆଦିବାସୀ ପରମ୍ପରା, କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିଛି । ପ୍ରତିବର୍ଷ ରକ୍ଷା ବନ୍ଧନରେ ଗଛରେ ରାକ୍ଷୀ ବାନ୍ଧିବାର ପରମ୍ପରା ମଧ୍ୟ ସେ ଗ୍ରାମବାସୀଙ୍କ ସହିତ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ, ସେ ଯଶୀପୁର ଅଞ୍ଚଳରେ ହାତୀ-ମାନବ ସଂଘର୍ଷ ହ୍ରାସ କରିବା ପାଇଁ ଏକ କ୍ୱିକ୍ ରିଆକ୍ସନ୍ ଟିମ୍ (QRT) ଗଠନ କରିଛନ୍ତି ଏବଂ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି ।

## Year – 2017

### Shri Chakradhar Hembram

Wildlife Watcher, Karanjia Forest Division (2016), Mayurbhanj, Odisha

## Introduction

Shri Chakradhar Hembram was born in Kaliani village, Mayurbhanj district. From childhood, he displayed a deep interest in art, music, dance, and Adivasi (tribal) folk culture. After completing his education, he became involved in social service and remained active in the fields of tribal development, art, culture, and rural welfare. Sri Hembram was honored with the Biju Patnaik State Level Award for Wildlife Conservation in 2017 for his outstanding contributions to wildlife conservation and protection.

## Contribution to Wildlife Conservation

Shri Chakradhar Hembram has organized 100+ awareness programs through the Jahira tradition across Odisha, Jharkhand, and West Bengal, inspiring 360 hunters to quit poaching and adopt alternative livelihoods. To reduce forest dependency, he introduced measures like seed distribution, check dams, mini rice hullers, rural sports, and strengthening EDC/VSS. Since 2012, he has led the Similipal Mahotsav to promote tribal art and culture, initiated tying 'Rakhi' on trees during Raksha Bandhan, formed a Quick Reaction Team (QRT) to mitigate human-elephant conflict, and streamlined compensation processes.





## ବର୍ଷ-୨୦୧୮
## ପ୍ରଫେସର ସୁଶୀଲ କୁମାର ଦତ୍ତ
**ବିଶିଷ୍ଟ ପ୍ରାଣୀବିଜ୍ଞାନୀ, ଉଭୟଚର ଓ ସରୀସୃପ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟାପକ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ଓଡ଼ିଶା**

# ପରିଚୟ

ପ୍ରଫେସର ସୁଶୀଲ କୁମାର ଦତ୍ତ ୨୩ ଜୁଲାଇ ୧୯୫୨ ତାରିଖରେ ଓଡ଼ିଶାର ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିଲେ ଏବଂ ସେ 'Frogman of India' ଭାବରେ ଜଣାଶୁଣା । ସେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିବର୍ତ୍ତନବାଦୀ ଜୀବବିଜ୍ଞାନ, ବର୍ଗୀକରଣ, ସଂରକ୍ଷଣ ଜୀବବିଜ୍ଞାନ ଓ ଜୈବ ବିବିଧତା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ ଅଟନ୍ତି । ତାଙ୍କର ଭାରତୀୟ ପ୍ରାଣୀବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବା ସହ, ସେ ୨୫୦ରୁ ଅଧିକ ଗବେଷଣା ପତ୍ର ଓ ୧୩ଟି ପୁସ୍ତକ ରଚନା କରିଛନ୍ତି । ୨୦୧୮ ମସିହାରେ ପ୍ରଫେସର ଦତ୍ତଙ୍କୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ପ୍ରଫେସର ସୁଶୀଲ କୁମାର ଦତ୍ତ, ଉଭୟଚର ଏବଂ ସରୀସୃପଙ୍କ ସଂରକ୍ଷଣ ଓ ଅଧ୍ୟୟନରେ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି । ସେ ଭାରତରୁ ୨୨ଟି ନୂତନ ପ୍ରଜାତିର ବେଙ୍ଗ, ଝିଟିପିଟି ଏବଂ ସାପ ଆବିଷ୍କାର କରିଛନ୍ତି । ତାଙ୍କ ସମ୍ମାନରେ *Hemidactylus sushilduttai, Sitana sushili* ଏବଂ ଏକ ନୂତନ ଜାତି *Duttaphrynus* ନାମକରଣ କରାଯାଇଛି । ତାଙ୍କର ପ୍ରକାଶନଗୁଡ଼ିକ ମଧ୍ୟରେ 'ଶ୍ରୀଲଙ୍କାର ଆମ୍ଫିବିଆନ୍ସ' (୧୯୯୬) ଏବଂ ଭାରତ ଓ 'ଶ୍ରୀଲଙ୍କାର ଆମ୍ଫିବିଆନ୍ସ: ଚେକଲିଷ୍ଟ ଏବଂ ଗ୍ରନ୍ଥସୂଚୀ' (୧୯୯୭) ଅନ୍ତର୍ଭୁକ୍ତ, ଯାହାକୁ ଆଞ୍ଚଳିକ ହର୍ପେଟୋଲୋଜିରେ ମାନକ ସନ୍ଦର୍ଭ ପୁସ୍ତକ ଭାବରେ ବିବେଚନା କରାଯାଏ । ସେ *SERC–SERB School in Herpetology* ମାଧ୍ୟମରେ ଦକ୍ଷିଣ ଏସିଆର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ବର୍ଗୀକରଣ, କ୍ଷେତ୍ର ସର୍ବେକ୍ଷଣ ଏବଂ ସଂରକ୍ଷଣ ବିଜ୍ଞାନରେ ତାଲିମ ଦେଇଛନ୍ତି । ଏହା ବ୍ୟତୀତ, ସେ *IUCN* ଆମ୍ଫିବିଆନ୍-ସରୀସୃପ ବିଶେଷଜ୍ଞ ଗୋଷ୍ଠୀ (ଦକ୍ଷିଣ ଏସିଆ) ର ସହ-ଅଧକ୍ଷତା ଏବଂ MoEFCC, DBT, DST ଏବଂ WII ପରିଚାଳନା ସଂସ୍ଥା ଭଳି ଭାରତ ସରକାରଙ୍କ ବିଭିନ୍ନ ଉଚ୍ଚସ୍ତରୀୟ କମିଟିରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି ।

**Year – 2018**

**Professor Sushil Kumar Dutta**

Renowned zoologist and Herpetology Specialist, Retired Professor, Maharaj Sriram Chandra Bhanja Deo University, Baripada, Odisha

## Introduction

Born on 23rd July 1952 in Balasore, Odisha, Professor Sushil Kumar Dutta, known as the "Frogman of India," has over four decades of contributions to evolutionary biology, taxonomy, conservation biology, and biodiversity policy. He has authored 13 books and more than 250 research papers, earning the State-level Biju Patnaik Award for Wildlife Conservation in 2018.

## Contribution to Wildlife Conservation

Professor Dutta pioneered studies on amphibians and reptiles, discovering 22 new species and having several, including Hemidactylus sushilduttai, Sitana sushili and a new genus Duttaphrynus named after him. His works, such as Amphibians of Sri Lanka (1996) and Amphibians of India and Sri Lanka (1997), are standard references. Through the SERC–SERB School in Herpetology, he trained over 250 students and researchers, and served on IUCN and high-level MoEFCC, DBT, DST, and WII committees.





**ବର୍ଷ-୨୦୧୯**
**ଶ୍ରୀ ବିଚିତ୍ରାନନ୍ଦ ବିଶ୍ୱାଳ**
**ତୃଣମୂଳ ସ୍ତରୀୟ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣବିତ୍, ଅସ୍ତରଙ୍ଗ, ପୁରୀ, ଓଡ଼ିଶା**

# ପରିଚୟ

ପୁରୀ ଜିଲ୍ଲା, ଅସ୍ତରଙ୍ଗ ଅଞ୍ଚଳ ର ଶ୍ରୀ ବିଚିତ୍ରାନନ୍ଦ ବିଶ୍ୱାଳ ତାଙ୍କ ଜୀବନର ୩୧ ବର୍ଷରୁ ଅଧିକ ସମୟ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ପାଇଁ ଉତ୍ସର୍ଗ କରିଛନ୍ତି । ସେ ଭାରତର ସମୁଦାୟ-ଭିତ୍ତିକ ପରିବେଶଗତ ନେତୃତ୍ୱର ସର୍ବୋତ୍ତମ ଉଦାହରଣମାନଙ୍କ ମଧ୍ୟରୁ ଅନ୍ୟତମ । ସେ ମହିଳା, ଯୁବପିଢ଼ି ଏବଂ ଉପକୂଳବର୍ତ୍ତୀ ସମୁଦାୟକୁ ସଂରକ୍ଷଣ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଛନ୍ତି । ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୧୯ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ବିଶ୍ୱାଳ ଦେବୀ ନଦୀ ମୁହାଣ ଏବଂ ରୁଷିକୂଲ୍ୟା ଅଞ୍ଚଳରେ ଅଲିଭ୍ ରିଡଲେ କଇଁଛ ସଂରକ୍ଷଣ ପାଇଁ ସର୍ବାଧିକ ଜଣାଶୁଣା । ସେ ବେଳାଭୂମିର ସୁରକ୍ଷା ଓ ହାଚେରୀ ପରିଚାଳନା କରି ପ୍ରାୟ ୫୦ ଲକ୍ଷ କଇଁଛ ଛୁଆଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡ଼ିଛନ୍ତି, ଯାହା ଫଳରେ ଏହି ଅଞ୍ଚଳରେ ଶିକାର କାର୍ଯ୍ୟ ପ୍ରାୟତଃ ଶୂନ୍ୟ ହୋଇଯାଇଛି । ସେ ୨୦୦ରୁ ଅଧିକ ଆହତ କଇଁଛ ଓ ଗୋଟିଏ ତିମି ଶାର୍କକୁ ଉଦ୍ଧାର କରିବା ସହ ଜଣେ ତାଲିମପ୍ରାପ୍ତ ସାପ ଉଦ୍ଧାରକାରୀ ଭାବେ କିଙ୍ଗ୍ କୋବ୍ରା ସମେତ ୨୦୦୦ରୁ ଅଧିକ ସାପଙ୍କୁ ଉଦ୍ଧାର କରିଛନ୍ତି । ସେ ଯୁବକ ଓ ମହିଳାଙ୍କୁ ସଂଗଠିତ କରି ମାଙ୍ଗ୍ରୋଭ୍ ନର୍ସରୀ ଏବଂ ବେଳାଭୂମି ସଫେଇ ଅଭିଯାନ ମାଧ୍ୟମରେ ବାତ୍ୟା ବିରୁଦ୍ଧରେ ପ୍ରାକୃତିକ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି । ସେ ୧୯୯୫ରୁ ମହିଳାଙ୍କ ଦ୍ୱାରା ପରିଚାଳିତ ଜୈବ ବିବିଧତା ସୁରକ୍ଷା କମିଟି ଗଠନ କରିବାରେ ସହଯୋଗ କରିଛନ୍ତି, ଯେଉଁଥିରେ ୫୬୦ରୁ ଅଧିକ ମହିଳା ସକ୍ରିୟ ଅଛନ୍ତି । ଶ୍ରୀ ବିଶ୍ୱାଳ ୧୫,୦୦୦ ଯୁବକ ଏବଂ ୧୪,୫୦୦ରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ଅଭ୍ୟାସରେ ତାଲିମ ଦେଇଛନ୍ତି ।

## Year – 2019

**Shri Bichitrananda Biswal**

Grassroots Wildlife and Biodiversity Conservationist, Astaranga, Puri, Odisha

# Introduction

Hailing from Astaranga in Puri district, Shri Bichitrananda Biswal has devoted more than 31 years of his life to the cause of wildlife and biodiversity conservation. He is regarded as one of India's finest examples of community-based ecological leadership, inspiring women, youth, and coastal communities to take an active role in conservation efforts. In 2019, he was conferred with the State-level Biju Patnaik Award for Wildlife Conservation by the Government of Odisha.

# Contribution to Wildlife Conservation

Shri Biswal is best known for Olive Ridley turtle conservation in the Devi River mouth and Rushikulya regions. Through safeguarding beaches and managing hatcheries, he has ensured the safe release of approximately 50 lakh turtle hatchlings, resulting in poaching in the area being reduced to almost nil. He has also rescued and rehabilitated over 200 injured turtles and one whale shark. As a trained snake rescuer, he has saved more than 2,000 snakes, including King Cobras, thereby mitigating human-snake conflict.He initiated a Sparrow conservation program using artificial nests and organized youth and women to establish mangrove nurseries, restoration work, and beach clean-up campaigns, creating natural barriers against cyclones. Since 1995, he has helped form women-led biodiversity protection committees involving over 560 women. Shri Biswal has trained around 15,000 youth and over 14,500 schoolchildren in conservation practices.



**ବର୍ଷ-୨୦୨୦**
**ସେଭ ଏଲିଫ୍ୟାଣ୍ଟ**
**ଫାଉଣ୍ଡେସନ୍ ଟ୍ରଷ୍ଟ**
ହାତୀ ସୁରକ୍ଷା ଏବଂ ସଂରକ୍ଷଣ ସଂଗଠନ
ବାରିପଦା, ଓଡ଼ିଶା

# ପରିଚୟ

ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟ (SEFT) ହେଉଛି ବନ୍ୟପ୍ରାଣୀ, ବିଶେଷକରି ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ଉତ୍ସର୍ଗୀକୃତ ସଂଗଠନ । ହାତୀଙ୍କୁ ଏକ ପ୍ରମୁଖ ପ୍ରଜାତି ଭାବରେ ବିବେଚନା କରି, ଏହି ସଂଗଠନ ଜଙ୍ଗଲ ପରିସଂସ୍ଥା ଓ ଜୈବ ବିବିଧତାକୁ ସଂରକ୍ଷଣ କରିବା ସହ ପରିସଂସ୍ଥା ସ୍ଥିରତା ଏବଂ ମାନବ-ବନ୍ୟପ୍ରାଣୀ ସହାବସ୍ଥାନ କୁ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି । ହାତୀ ସଂରକ୍ଷଣ, ମଣିଷ-ହାତୀ ସଂଘର୍ଷ ପରିଚାଳନା ଏବଂ ଜନଭାଗୀଦାରୀକୁ ପ୍ରୋତ୍ସାହିତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସଂଗଠନକୁ ୨୦୨୦ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ବନ୍ୟପ୍ରାଣୀ ସଂରକ୍ଷଣକୁ ଗୁରୁତ୍ୱ ଦେଇ ଏହି ସଂଗଠନ ମଣିଷ-ହାତୀ ସଂଘର୍ଷ ହ୍ରାସ କରିବା ପାଇଁ 'ଶୂନ୍ୟ ମାନବ ଏବଂ ଶୂନ୍ୟ ହାତୀ ମୃତ୍ୟୁ'ଲକ୍ଷ୍ୟ ରଖିଛି । ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରଭାବିତ ଗ୍ରାମଗୁଡ଼ିକରେ 'ହାତୀ ସାଥୀ ବାହିନୀ' ଭଳି ସ୍ୱେଚ୍ଛାସେବୀ ଦଳ ଗଠନ କରାଯାଇଛି । ସଚେତନତା ପ୍ରସାର ପାଇଁ ପ୍ରାମାଣିକ ଚଳଚ୍ଚିତ୍ର, ଲୋକନାଟକ (ଦାସକାଠିଆ ଏବଂ ପାଲା), ଏବଂ 'ହାତୀ ଅମର ସାଥୀ' ଅଭିଯାନ କରାଯାଉଛି ଏହି ସଂଗଠନ ଦ୍ୱାରା 'ଗଜବନ୍ଧୁ' ଏବଂ 'ହାତୀ ସାଥୀ ବାହିନୀ' ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପରିବେଶ ଦିବସ, ବିଶ୍ୱ ହାତୀ ଦିବସ ଏବଂ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭଳି କର୍ମଶାଳା ଆୟୋଜନ କରାଯାଏ । ଏହା ବ୍ୟତୀତ, 'ହାତୀ ଅମର ସାଥୀ' ଏବଂ 'ଶିମିଳିପାଳର ରହସ୍ୟ' ଭଳି ପୁସ୍ତକ ପ୍ରକାଶିତ ହୋଇଛି ଏବଂ ସାଲିଆ ବାଉଁଶ ମଞ୍ଜି ଗୋଳା ଦ୍ୱାରା ହାତୀମାନଙ୍କ ଖାଦ୍ୟର ଉତ୍ସ ବୃଦ୍ଧି କରିବାକୁ ପ୍ରୟାସ କରାଯାଉଛି ।

## Year – 2020

**Save Elephant Foundation Trust (SEFT)**
Elephant Protection and Conservation Organization
Baripada, Odisha

# Introduction

The Save Elephant Foundation Trust (SEFT) is an organization dedicated to the protection and conservation of wildlife, especially elephants. Considering elephants as a flagship species, the organization aims to conserve forest ecosystems and biodiversity, while ensuring ecological stability and human-wildlife coexistence. The organization was honored with the State Level Biju Patnaik Award for Wildlife Conservation in 2020 for its notable contributions to elephant conservation, management of human-elephant conflict, and promotion of community participation.

# Contribution to Wildlife Conservation

SEFT works toward achieving the goal of "zero human and zero elephant deaths" in conflict-prone areas. The organization actively engages local communities through volunteer groups such as the "Hati Sathi Bahini" and conducts extensive awareness campaigns using documentary films, folk theatre forms like Dasakathia and Pala, and the "Hati Amara Sathi" initiative. The Trust provides specialized training to Gajabandhu and "Hati Sathi" volunteers, organizes workshops on key environmental occasions, and publishes educational books such as "Hati Amara Sathi" and "Similipalara Rahasya". Additionally, SEFT promotes innovative practices such as the use of Salia bamboo seed balls to enhance and expand natural food sources for elephants.





**ବର୍ଷ-୨୦୨୧**

## ନନ୍ଦକିଶୋର ଭୂଜବଳ

**ବନ୍ୟପ୍ରାଣୀ ସଂରକ୍ଷଣବିତ୍, ଖୋର୍ଦ୍ଧା, ଓଡ଼ିଶା**

# ପରିଚୟ

ଶ୍ରୀ ନନ୍ଦକିଶୋର ଭୂଜବଳ ୧୯୪୬ ମସିହାରେ ପୁରୀ (ବର୍ତ୍ତମାନର ଖୋର୍ଦ୍ଧା) ଜିଲ୍ଲାର ଏକ ଶିକ୍ଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନୁ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ନିକଟରୁ ଦେଖିବାର ସୌଭାଗ୍ୟ ଅର୍ଜନ କରି, ବିଭିନ୍ନ ଉପାନ୍ତ ଅଞ୍ଚଳରେ ଭ୍ରମଣ କରି ସେ ବନ୍ୟପ୍ରାଣୀ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ । ୧୯୯୧ ମସିହାରେ ସରକାରୀ ଚାକିରି ଛାଡ଼ି, ସେ ବନ୍ୟପ୍ରାଣୀ ସଂରକ୍ଷଣକୁ ନିଜ ଜୀବନର ପ୍ରାଥମିକ ଲକ୍ଷ୍ୟ କରି ନେଇଥିଲେ । ବନ୍ୟପ୍ରାଣୀ ସଂରକ୍ଷଣରେ ତାଙ୍କର ଅନେକ ଅବଦାନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୧ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

"ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ଭଲ ପାଇବା ଦ୍ୱାରା ସଂରକ୍ଷଣ ସମ୍ଭବ"– ଏହି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ସେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣ କୁ ପହଞ୍ଚାଇଛନ୍ତି । ସେ ପୁରୀ, ଟାଙ୍ଗୀ, ରଣପୁର ଓ ଚିଲିକାର ୩୫ ଗୋଟି ଗ୍ରାମକୁ ନେଇ ୧୦ଟି ବନସୁରକ୍ଷା ସମିତି ଗଠନ କରିବା ସହ ୨୦୨୦ ମସିହାରେ ଅନୁଗୋଳ ଜିଲ୍ଲାରେ ମଧ୍ୟ ୪ଟି ବନସୁରକ୍ଷା ସମିତି ଗଢ଼ିଥିଲେ । ବର୍ତ୍ତମାନ ସେ ୱାଇଲ୍ଡ ଓଡ଼ିଶା (Wild Odisha) ସଂଗଠନର ଉପସଭାପତି ଭାବେ, ବାଘ ଚଢ଼େଇ ଏବଂ ମାଛରଙ୍କା ବିରାଡି (Fishing Cat) ସଂରକ୍ଷଣରେ ମୁଖ୍ୟ ଭୂମିକା ନେଇଛନ୍ତି । ମଙ୍ଗଳାଜୋଡ଼ି ପରିବେଶ ପର୍ଯ୍ୟଟନ କ୍ଷେତ୍ରକୁ ଏକ ପ୍ରମୁଖ କେନ୍ଦ୍ର ରେ ପରିଣତ କରିବାରେ ତାଙ୍କର ଅଗ୍ରଣୀ ଭୂମିକା ରହିଅଛି – ବିଶେଷକରି ପକ୍ଷୀ ଶିକାରୀମାନଙ୍କୁ ପକ୍ଷୀ ସଂରକ୍ଷଣ ଓ ସୁରକ୍ଷା ରେ ନିଯୋଜିତ କରାଇବା ରେ ତାଙ୍କର ସର୍ବଶ୍ରେଷ୍ଠ ସଫଳତା ଅଟେ । ଶ୍ରୀ ଭୂଜବଳଙ୍କ ପ୍ରୟାସ ରେ ଗୋଷ୍ଠୀ ଭିତ୍ତିକ ସଂରକ୍ଷଣ ଏକ ସଫଳ ଆଦର୍ଶ ଭାବେ ପରିଚିତ, ଯାହା କେବଳ ଓଡ଼ିଶାରେ ନୁହେଁ, ଦେଶ ଓ ବିଦେଶରେ ମଧ୍ୟ ଚର୍ଚ୍ଚିତ ।

**Year – 2021**

**Nandakishore Bhujabal**

Wildlife Conservationist, Khordha, Odisha

## Introduction

Shri Nandakishore Bhujabal, born in 1946 in a teacher's family in Puri district (now Khordha), had the opportunity to observe forests and wildlife closely from his childhood. His extensive travels to various remote areas allowed him to gain direct, practical knowledge about nature and wildlife. In 1991, he voluntarily left government service to dedicate himself fully to wildlife conservation as his primary life goal. For his numerous contributions to the field, he was honored by the Government of Odisha with the State-level Biju Patnaik Wildlife Conservation Award in 2021.

## Contribution to Wildlife Conservation

Promoting the belief that "conservation is possible only through love for forests and wildlife," Shri Bhujabal has built strong grassroots conservation movements across Odisha. He established ten Forest Protection Committees (Vana Suraksha Samitis, VSS) encompassing 35 villages across Puri, Tangi, Ranpur, and Chilika, and later expanded his efforts by forming four additional VSS units in Angul district in 2020. Currently serving as the Vice-President of Wild Odisha, he leads impactful conservation campaigns focused on the Baya Weaver and the Fishing Cat. His pioneering role in transforming Mangalajodi into a successful eco-tourism model by inspiring former bird poachers to become bird guides and protectors is widely regarded as his most remarkable achievement. Shri Bhujabal's work stands as a nationally and internationally recognized model of community-based wildlife conservation.





ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୨୨**

## ଶ୍ରୀ ବିକିଳି ନାଗ୍

**ସାପ ଉଦ୍ଧାରକାରୀ, ବଲାଙ୍ଗିର, ଓଡ଼ିଶା**

# ପରିଚୟ

ଶ୍ରୀ ବିକିଳି ନାଗ୍ ୩୧ ମେ ୧୯୮୯ ମସିହାରେ ବଲାଙ୍ଗିର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ଦିନ ମଜୁରିଆ ଭାବରେ କାମ କରୁଥିବା ବେଳେ ନିଜର ଅବସର ସମୟରେ ସେ ବନ୍ୟପ୍ରାଣୀ, ବିଶେଷକରି ସାପ ସମ୍ପର୍କିତ ଜ୍ଞାନ ଆହରଣ କରିଥିଲେ । ସେ ପ୍ରାୟ ୧୯ ବର୍ଷ ଧରି ବନ୍ୟଜୀବ ସୁରକ୍ଷା ପାଇଁ ନିରନ୍ତର ସମର୍ପିତ ଅଛନ୍ତି । ବନ୍ୟପ୍ରାଣୀ ସଂରକ୍ଷଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୨୨ ମସିହାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ବଲାଙ୍ଗିର ବନାଞ୍ଚଳ (ଟିଟିଲାଗଡ଼) ଅଞ୍ଚଳରେ ଶ୍ରୀ ନାଗ୍ ବନ୍ୟପ୍ରାଣୀ ସୁରକ୍ଷା, ଚିହ୍ନଟ ଓ ନିରୀକ୍ଷଣ କାର୍ଯ୍ୟରେ ବନ ବିଭାଗକୁ ସହଯୋଗ କରିବା ସହ ସାପଙ୍କ ଜୀବନଶୈଳୀ, ବିଷର ପ୍ରଭାବ ଓ ଆବଶ୍ୟକୀୟ ସଚେତନତା ଲୋକମାନଙ୍କ ମଧ୍ୟରେ ପ୍ରସାର କରିଛନ୍ତି । ଘରେ ପ୍ରବେଶ କରିଥିବା ସାପକୁ ଅକ୍ଷତ ଭାବରେ ଧରି ସୁରକ୍ଷିତ ଜଙ୍ଗଲକୁ ଛାଡ଼ିବାଠାରୁ ଆରମ୍ଭ କରି ବିଷାକ୍ତ ସାପ ଦଂଶନରେ ପୀଡ଼ିତଙ୍କୁ ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇବା ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ନିୟୋଜିତ ରହିଛନ୍ତି । ସେ କଲରାପତରିଆ ବାଘ ଉଦ୍ଧାରରେ ମଧ୍ୟ ବନ ବିଭାଗ ସହିତ ସାମିଲ ହୋଇଛନ୍ତି ଏବଂ "Snake Rescue" ସଂଗଠନରେ ସଇଁତଳା ବ୍ଲକ ସଂଯୋଜକ ଭାବେ କାର୍ଯ୍ୟରତ ଅଛନ୍ତି । ଶ୍ରୀ ନାଗ୍ "ସାପର ବନ୍ଧୁ" ଭାବେ ସ୍ଥାନୀୟ ସମାଜରେ ପରିଚିତ ଥିବା ବେଳେ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟ ପାଇଁ ତାଙ୍କୁ ଉପଖଣ୍ଡ ଓ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯାଇଛି ।



ଯୁଗ୍ମ ଭାବରେ ସମ୍ମାନୀତ

**ବର୍ଷ-୨୦୨୨**

## ଶ୍ରୀ ରବୀନ୍ଦ୍ରନାଥ ସାହୁ

**ସମ୍ପାଦକ, ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତି, ଗଞ୍ଜାମ, ଓଡ଼ିଶା**

# ପରିଚୟ

ଶ୍ରୀ ରବୀନ୍ଦ୍ରନାଥ ସାହୁ, ଗଞ୍ଜାମ ଜିଲ୍ଲାର ପୁରୁଣାବନ୍ଧ ଗ୍ରାମର ଜଣେ ଉତ୍ସର୍ଗୀକୃତ ବନ୍ୟପ୍ରାଣୀ ସଂରକ୍ଷଣବିତ୍ । ୧୯୯୪ ମସିହାରେ ଋଷିକୁଲ୍ୟା ଉପକୂଳରେ ସାମୁଦ୍ରିକ କଇଁଛଙ୍କ ଗଣ-ଅଣ୍ଡାଦାନ ସମୟରେ ତାଙ୍କର ସଂରକ୍ଷଣ ଯାତ୍ରା ଆରମ୍ଭ ହୋଇଥିଲା ଏବଂ ସେହି ଦିନଠାରୁ ସେ କ୍ରମାଗତ ଭାବେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଗତ ୩୧ ବର୍ଷ ଧରି, ସେ ଋଷିକୁଲ୍ୟା ଉପକୂଳରେ ଲକ୍ଷ ଲକ୍ଷ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ସେ ସ୍ୱର ଉତ୍ତୋଳନ କରୁଛନ୍ତି । ତାଙ୍କୁ ୨୦୨୨ ମସିହାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ସେ ଋଷିକୁଲ୍ୟା ଉପକୂଳରେ ବ୍ୟାପକ ସଂଖ୍ୟାରେ ସାମୁହିକ ବସା ବାନ୍ଧୁଥିବା ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ କ୍ରମାଗତ ଭାବେ କାର୍ଯ୍ୟ କରିଆସୁଛନ୍ତି । ଲୋକଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଓ ଲୋକ ମାନଙ୍କ ମଧ୍ୟ ରେ ସଚେତନତା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ନିଭାଇଛନ୍ତି, ଯଦ୍ୱାରା ସ୍ଥାନୀୟ ଲୋକଙ୍କୁ ସାମୁଦ୍ରିକ କଇଁଛ ର ସଂରକ୍ଷଣ ପାଇଁ ସ୍ୱର ଉଠାଇବାକୁ ପ୍ରେରିତ କରିଛନ୍ତି । ଗତ ବର୍ଷମାନଙ୍କରେ ତାଙ୍କର ସଂରକ୍ଷଣ କାର୍ଯ୍ୟ କଇଁଛ ବ୍ୟତୀତ ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ପ୍ରତି ଶୀତ ଋତୁରେ ଆସୁଥିବା ପ୍ରବାସୀ ଜଳପକ୍ଷୀଙ୍କ ସଂଖ୍ୟା  ବୃଦ୍ଧି ପାଇଛି । ଏଥିସହ ସେ ଗଞ୍ଜାମ ଜିଲ୍ଲାର ଗ୍ରାମାଂଚଳରେ ଘରଚଟିଆଙ୍କ ସଂରକ୍ଷଣ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି ଏବଂ ଅତୀତରେ ଓ ବର୍ତ୍ତମାନ ମଧ୍ୟ ବନ୍ୟପ୍ରାଣୀଙ୍କ ସପକ୍ଷରେ ନିର୍ଭୀକ ଭାବରେ ସ୍ୱର ଉତ୍ତୋଳନ କରୁଛନ୍ତି । ସେ 'ମିସନ୍ ତାଳଗଛ'ର ନେତୃତ୍ୱ ନେଇଛନ୍ତି, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ବଜ୍ରପାତରୁ ମାନବ ଜୀବନକୁ ରକ୍ଷା କରିବା ପାଇଁ ତାଳଗଛ ରୋପଣ କରିବା । ସେ ୨୦୨୪ ମସିହାରୁ ଏହି ମିସନ୍ ଆରମ୍ଭ କରିଛନ୍ତି ଏବଂ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର ତାଳଚାରା ରୋପଣ କରିଛନ୍ତି ।

**Year – 2022**

**Shri Bikiji Nag**

Snake Rescuer, Balangir, Odisha

**Jointly Awarded**

## Introduction

Shri Bikiji Nag was born on May 31, 1989, in Balangir district. While working as a daily wage labourer, he devoted his free time to acquiring knowledge about wildlife, particularly snakes. He has been continuously dedicated to wildlife protection for nearly 19 years. In recognition of his relentless efforts, he was honoured with the State-level Biju Patnaik Wildlife Conservation Award in 2022 by the Government of Odisha.

## Contribution to Wildlife Conservation

In the forest areas of Balangir (Titilagarh region), Shri Nag actively assists the Forest Department with wildlife protection, identification, and monitoring. He is dedicated to spreading awareness among the public about snakes' behavior, the effects of venom, and necessary safety precautions. His practical work involves safely rescuing snakes from human habitations and releasing them into the forest, as well as promptly ensuring snakebite victims receive timely medical treatment at hospitals. He also supported the Forest Department during the rescue of a leopard at Kalarapataria and currently serves as the Block-level Coordinator for the "Snake Rescue" organization in Saintala. Fondly known locally as the "Friend of Snakes," Shri Nag has received multiple recognitions at the sub-divisional and district levels for his valuable contributions to wildlife conservation.



**Jointly Awarded**

**Year – 2022**

**Shri Rabindranath Sahu**

Secretary, Rushikulya Sea Turtle Protection Committee
Ganjam, Odisha

## Introduction

Shri Rabindranath Sahu, a dedicated wildlife conservationist from Purunabandha village in Ganjam district, began his conservation journey in 1994 after witnessing the mass nesting of Olive Ridley Sea turtles along the Rushikulya coast. For over three decades, he has been a passionate advocate for the protection of these turtles, serving as one of the most respected and trusted voices in marine conservation. In recognition of his outstanding contributions to wildlife protection, he was honored with the State-level Biju Patnaik Wildlife Conservation Award in 2022.

## Contribution to Wildlife Conservation

He has been consistently dedicated to protecting sea turtles nesting along the Rushikulya coast, inspiring hundreds of individuals to participate in their conservation. Over time, his efforts have expanded to include the protection of migratory waterbirds at the Rushikulya estuary and House Sparrows in rural areas of Ganjam district. A passionate advocate for wildlife, he also leads Mission Taalagachha (Palm Tree Mission), launched in 2024 to reduce lightning-related fatalities. In the first phase of the initiative, 12,000 palm saplings were planted, with a target of 50,000 within three years, supported by the Odisha Biodiversity Board and the Forest Department. Under his leadership, youth and volunteers actively collect palm fruits, extract seeds, and plant them across villages—promoting both human safety and biodiversity conservation.



ଯୁଗ୍ମ
ଭାବରେ
ସମ୍ମାନୀତ



## ବର୍ଷ-୨୦୨୩
## ବିପିନ ବିହାରୀ ପ୍ରଧାନ

ବନ୍ୟପ୍ରାଣୀ ସଂରକ୍ଷଣବିତ୍

ଖୋର୍ଦ୍ଧା,ଓଡ଼ିଶା

# ପରିଚୟ

ଶ୍ରୀ ବିପିନ ବିହାରୀ ପ୍ରଧାନ ଓଡ଼ିଶାର ଜଣେ ଉତ୍ସର୍ଗୀକୃତ ବନ୍ୟପ୍ରାଣୀ ସଂରକ୍ଷଣବିତ୍ ଅଟନ୍ତି, ଯିଏ ଗତ ୧୦-୧୨ ବର୍ଷ ଧରି ହାତୀ ସଂରକ୍ଷଣ ଏବଂ ଅନ୍ତଃରାଜ୍ୟ ହାତୀ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜଣାଶୁଣା । ତାଙ୍କ ପ୍ରୟାସ ବିଶେଷକରି ମଣିଷ-ହାତୀ ସଂଘର୍ଷ ହ୍ରାସ କରିବା ଏବଂ ଉଭୟଙ୍କ ମଧ୍ୟରେ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଏହି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୨୩ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଶ୍ରୀ ପ୍ରଧାନ ହାତୀଙ୍କ ଗତିବିଧି ଓ ଅନ୍ତଃରାଜ୍ୟ ପର୍ଯ୍ୟବେକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି । ସେ ଓଡ଼ିଶାରେ ପ୍ରଥମ କାନୋପି ସେତୁ ଡିଜାଇନ୍ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଏବଂ ପରେ ଝାଡ଼ଖଣ୍ଡର ସରଣ୍ଡା ବନ ବିଭାଗରେ ଏହାକୁ କାର୍ଯ୍ୟକାରୀ କରିବାରେ ମଧ୍ୟ ସାହାଯ୍ୟ କରିଥିଲେ । ଏହି କାନୋପି ସେତୁ ମାଙ୍କଡ଼,ମୂଷା ଜାତୀୟ ଓ ଶାଳିଆ ପତନି ଭଳି ବନ୍ୟପ୍ରାଣୀଙ୍କ ପାଇଁ ନିରାପଦ ପଥ ପ୍ରଦାନ କରୁଛି । ସେ ସ୍ଥାନୀୟ ଜନସାଧାରଣ ଏବଂ ବନ ବିଭାଗ ମିଳିତ ସହଯୋଗରେ ସଚେତନତା ସୃଷ୍ଟି, ବନ୍ୟପ୍ରାଣୀଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ବିଭିନ୍ନ ସଂରକ୍ଷଣ ପଦକ୍ଷେପ କାର୍ଯ୍ୟକାରୀ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ଡ୍ରୋନ୍ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ମଣିଷ-ହାତୀ ସଂଘର୍ଷ ହ୍ରାସ କରିବା ପାଇଁ ତାଙ୍କର ପ୍ରୟାସ ବର୍ତ୍ତମାନ ସମୟରେ ସଫଳ ହୋଇଛି ।

ଯୁଗ୍ମ ଭାବରେ ସମ୍ମାନୀତ



**ବର୍ଷ-୨୦୨୩**

**ଶ୍ରୀ ଅଶ୍ୱିନୀ କୁମାର ଦାସ**

ବନ୍ୟପ୍ରାଣୀ ସଂରକ୍ଷଣବିତ୍, ବାଲେଶ୍ୱର, ଓଡ଼ିଶା

# ପରିଚୟ

ଶ୍ରୀ ଅଶ୍ୱିନୀ କୁମାର ଦାସ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକରେ ଜନ୍ମଗ୍ରହଣ କରିଥିବା ଜଣେ ଔଷଧ ବ୍ୟବସାୟୀ ଏବଂ କ୍ଷୁଦ୍ର ଚାଷୀ ହେଲେ ମଧ୍ୟ ବନ୍ୟପ୍ରାଣୀ ସଂରକ୍ଷଣରେ ତାଙ୍କର ଅବଦାନ ଅତୁଳନୀୟ । ପିଲାଦିନୁ ଜଙ୍ଗଲ ଓ ବନ୍ୟପ୍ରାଣୀ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଆସିଛି । ତାଙ୍କର ଏହି ନିରନ୍ତର ସମର୍ପଣ ପାଇଁ ତାଙ୍କୁ ୨୦୨୩ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

୨୦୦୮ ମସିହାରୁ, ଶ୍ରୀ ଦାସ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ ରୋକିବା ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ହାତୀମାନଙ୍କର ଅନ୍ତଃରାଜ୍ୟ ସ୍ଥାନାନ୍ତରଣ ସମୟରେ, ସେ ଓଡ଼ିଶା ଓ ପଶ୍ଚିମବଙ୍ଗର ବନ ବିଭାଗ କର୍ମଚାରୀଙ୍କୁ ସହାୟତା ପ୍ରଦାନ କରନ୍ତି । ସେ ବନ ଅଧିକାରୀଙ୍କୁ ହାତୀମାନଙ୍କ ଗତିବିଧି ବିଷୟରେ ସୂଚନା ଦେବା ସହିତ ଗ୍ରାମବାସୀମାନଙ୍କୁ ସଚେତନ କରାନ୍ତି । ସେ ବନ୍ୟପ୍ରାଣୀ ଶିକାର ସମ୍ପର୍କରେ ସୂଚନା ସଂଗ୍ରହ କରି ବନ ବିଭାଗକୁ ଜଣାନ୍ତି ଏବଂ ନିୟମିତ ଭାବେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରନ୍ତି । ତାଙ୍କର ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ବନ୍ୟପ୍ରାଣୀଙ୍କ ବାସସ୍ଥାନର ଉନ୍ନତି ପାଇଁ ବିଭିନ୍ନ ଉଦ୍ଭିଦର ବିହନ ବୁଣିବା ଏବଂ ସ୍ଥାନୀୟ ଲୋକଙ୍କୁ ଏହି କାର୍ଯ୍ୟରେ ସାମିଲ କରିବା ଅନ୍ତର୍ଭୁକ୍ତ । ୧୮ ମାର୍ଚ୍ଚ ୨୦୨୩ ରେ ଓଡ଼ିଶା-ବଙ୍ଗଳା ସୀମାନ୍ତରେ ଆୟୋଜିତ ଆନ୍ତଃ-ପରିସର ସମନ୍ୱୟ ବୈଠକରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ।

**Year – 2023**

## Bipin Bihari Pradhan

Wildlife Conservationist, Odisha

Jointly Awarded

## Introduction

Shri Bipin Bihari Pradhan is a dedicated wildlife conservationist from Odisha, known for his remarkable contributions over the last 10–12 years in the field of elephant conservation and inter-state elephant monitoring. His sustained efforts have been particularly focused on reducing human-elephant conflict and promoting coexistence. For his outstanding work, he was honoured with the State-level Biju Patnaik Wildlife Conservation Award in 2023.

## Contribution to Wildlife Conservation

Shri Pradhan has made significant contributions to elephant movement tracking and inter-state wildlife monitoring. He played a pioneering role in designing Odisha's first canopy bridge and later facilitated its implementation in the Saranda Forest Division of Jharkhand. This innovative structure provides a safe passage for arboreal species such as monkeys and civet cats, reducing the risk of road-related wildlife casualties. Shri Pradhan has actively collaborated with local communities and the Forest Department to raise awareness, foster peaceful coexistence with wildlife, and implement effective conservation initiatives. His innovative use of drones and modern technologies to mitigate human–elephant conflict has yielded remarkable results in recent years.



**Year – 2023**

**Shri Ashwini Kumar Das**

Wildlife Conservationist, Balasore, Odisha

**Jointly Awarded**

## Introduction

Shri Ashwini Kumar Das, a small farmer and retail medicine dealer born in Jaleswar Block of Balasore district, has made incomparable contributions to wildlife conservation. He developed a special interest in forests and wildlife from his childhood. For his unwavering dedication to wildlife protection and conservation, he was honored with the State Level Biju Patnaik Award for Wildlife Conservation in 2023.

## Contribution to Wildlife Conservation

Since 2008, Shri Das has been actively engaged in mitigating human–elephant conflict and ensuring the safety of wildlife. During the inter-state movement of elephants, he assists Forest Department officials in both Odisha and West Bengal by providing timely information on elephant movements and raising awareness among local villagers. He also plays a key role in collecting and reporting information related to wildlife poaching and regularly conducts awareness programs. His contributions to habitat improvement include sowing seeds of various native plant species and encouraging community participation in restoration efforts. Notably, he played a significant role in organizing the Inter-Range Coordination Meeting on the Odisha–West Bengal border held on March 18, 2023.








**ବର୍ଷ-୨୦୨୪**

**ଡକ୍ଟର ସିଦ୍ଧାର୍ଥ ପତି**

**ବୈଜ୍ଞାନିକ, ସଂରକ୍ଷଣବିତ୍, ଉଦ୍ୟୋଗୀ**
**ବାଲେଶ୍ୱର, ଓଡ଼ିଶା**

# ପରିଚୟ

ଡକ୍ଟର ସିଦ୍ଧାର୍ଥ ପତି ଗବେଷଣା, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ସ୍ଥାନୀୟ ଜନ ସମୁଦାୟ ଙ୍କ ମିଳିତ ଉଦ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି । ସେ ନୀଳ ରକ୍ତ କଙ୍କଡା (Horseshoe Crab) ର ସଂରକ୍ଷଣ ଏବଂ ଅଧ୍ୟୟନରେ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛନ୍ତି । ତାଙ୍କର "ଅପଚୟରୁ ସମ୍ପତ୍ତି" (Waste-to-Wealth) ପଦ୍ଧତି ଏକ ବୃତ୍ତାକାର ଜୈବ-ଅର୍ଥନୀତି (Circular Bio-Economy) ର ମଡେଲ ଭାବରେ ପରିଚିତ । ଏହି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୨୪ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଡକ୍ଟର ସିଦ୍ଧାର୍ଥ ପତି ୨୦୧୨ ମସିହାଠାରୁ Horseshoe Crab ସଂରକ୍ଷଣ ପାଇଁ କାର୍ଯ୍ୟ କରୁଛନ୍ତି । ସେ 'Association for Biodiversity Conservation (ABC)' ପ୍ରତିଷ୍ଠା କରିବା ସହ ସ୍ଥାନୀୟ ସମୁଦାୟ, ମତ୍ସ୍ୟଜୀବୀ, ଛାତ୍ରଛାତ୍ରୀ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛନ୍ତି । ତାଙ୍କର କାର୍ଯ୍ୟ IUCN, Rufford Foundation (UK), WWF India, ଏବଂ Bin Zayed Species Conservation Fund (UAE) ପରି ଆନ୍ତର୍ଜାତିକ ସଂଗଠନ ସହ ମିଳିତ ହୋଇଛି । ସେ ବିଶ୍ୱର ପ୍ରଥମ Silent Clay Art Film—'A Day for Living Fossil' ପ୍ରସ୍ତୁତ କରି ସାଧାରଣ ଲୋକଙ୍କୁ ସଚେତନ କରିଛନ୍ତି । ଏହା ବ୍ୟତୀତ, ସେ ଜାପାନ, ଥାଇଲ୍ୟାଣ୍ଡ, ଇଣ୍ଡୋନେସିଆ, ଚୀନ୍, ସିଙ୍ଗାପୁର ଭଳି ଦେଶରେ ଗବେଷଣା ପ୍ରଦର୍ଶନ କରିବା ସହ 'UNICEF Award – ୨୦୨୩', 'Future Conservationist Award – ୨୦୧୮', ଏବଂ 'ଉତ୍କର୍ଷ ଓଡ଼ିଶା – ୪୦ under ୬୦' ପରି ସମ୍ମାନଜନକ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି ।



ଯୁଗ୍ମ ଭାବରେ ସମ୍ମାନୀତ

## ବର୍ଷ-୨୦୨୪

## ଶ୍ରୀ ଶୈଳେନ୍ଦ୍ର ନାରାୟଣ ଶତପଥୀ

ବନ୍ୟପ୍ରାଣୀ ଉଦ୍ଧାରକାରୀ, ସ୍ୱେଚ୍ଛାସେବୀ

ବଲାଙ୍ଗୀର, ଓଡ଼ିଶା

# ପରିଚୟ

ଶ୍ରୀ ଶୈଳେନ୍ଦ୍ର ନାରାୟଣ ଶତପଥୀ ଜଣେ ଉତ୍ସାହୀ ଓ ନିଃସ୍ୱାର୍ଥପର ବ୍ୟକ୍ତିତ୍ୱ । ସେ ବନ୍ୟପ୍ରାଣୀ, ବୁଲା କୁକୁର ଏବଂ ପରିତ୍ୟକ୍ତ ପ୍ରାଣୀଙ୍କ ଉଦ୍ଧାର ଓ ଯତ୍ନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ବନ୍ୟପ୍ରାଣୀଙ୍କ ପ୍ରତି ତାଙ୍କର ଏହି ନିଃସ୍ୱାର୍ଥପର ସେବାକୁ ସ୍ୱୀକୃତି ଦେଇ, ତାଙ୍କୁ ୨୦୨୪ ମସିହାରେ ଓଡ଼ିଶା ସରକାର ଙ୍କ ପକ୍ଷରୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ ହେଇଛନ୍ତି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ବଲାଙ୍ଗୀର ଜିଲ୍ଲାରେ ଶ୍ରୀ ଶତପଥୀ ଅଜଗର, ବାରହା, ମାଙ୍କଡ, ସାପ, ହାତୀ, ବୁଲା କୁକୁର ଏବଂ ଗୋରୁମାନଙ୍କୁ ସଫଳତାର ସହ ଉଦ୍ଧାର ଓ ପୁନର୍ବାସ କରାଇଛନ୍ତି । ସେ ଯୁବପିଢ଼ିଙ୍କୁ ଏକାଠି କରି 'ଯୁବ ବାହିନୀ' ଗଠନ କରିଥିଲେ, ଯାହା ବନ୍ୟପ୍ରାଣୀ ଉଦ୍ଧାର କାର୍ଯ୍ୟରେ ନିରନ୍ତର ସକ୍ରିୟ ରହିଛି । ବିପଦ ସମୟରେ ସେ ସବୁବେଳେ ପ୍ରସ୍ତୁତ ଥିବାରୁ ସମସ୍ତେ ତାଙ୍କୁ "man in crisis" (ସଙ୍କଟ ସମୟର ମଣିଷ) ବୋଲି କୁହନ୍ତି । ସେ ବନ୍ୟପ୍ରାଣୀ ଉଦ୍ଧାର, ହାତୀ ଗତିବିଧି ଏବଂ ମଣିଷ-ବନ୍ୟପ୍ରାଣୀ ସଂଘର୍ଷର ମୁକାବିଲା କରିବା ବିଷୟରେ ଲୋକଙ୍କୁ ଶିକ୍ଷା ଦେବା ପାଇଁ ସଚେତନତା ଶିବିର ଏବଂ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଛନ୍ତି । ବର୍ଷ ବର୍ଷ ଧରି ବନ୍ୟପ୍ରାଣୀ ସଂରକ୍ଷଣ, ଉଦ୍ଧାର ଏବଂ ଜନସଚେତନତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଶ୍ରୀ ଶତପଥୀଙ୍କୁ ଉପଖଣ୍ଡ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି ।

Jointly Awarded

**Year – 2024**

**Dr. Siddhartha Pati**

Wildlife Conservationist, Balasore, Odisha

## Introduction

Dr. Siddhartha Pati has set an example in wildlife conservation by combining research, cutting-edge technology, and local community action. He has achieved international recognition for his work on Horseshoe Crab conservation and study. He was honored with the State-level Biju Patnaik Wildlife Conservation Award in 2024. His innovative “Waste-to-Wealth” approach is recognized as a working model for a Circular Bio-Economy.

## Contribution to Wildlife Conservation

Since 2012, Dr. Pati has led Horseshoe Crab conservation, founding the 'Association for Biodiversity Conservation (ABC)' and spreading awareness among communities, fishermen, students, and policymakers. His efforts enabled collaborations with IUCN, Rufford Foundation (UK), WWF India, and the Bin Zayed Species Conservation Fund (UAE). He created the world’s first silent clay art film, 'A Day for Living Fossil', and presented his research in Japan, Thailand, Indonesia, China, and Singapore. His honors include the 'UNICEF Award 2023' (Udayana University, Indonesia), 'Future Conservationist Award 2018' (Cambridge, UK), and 'Utkarsha Odisha – 40 under 60' (MSME Role Model, Govt. of Odisha).



**Year – 2024**

**Shri Shailendra Narayan Satapathy**

Wildlife Rescuer | Volunteer, Balangir, Odisha

Jointly Awarded

## Introduction

Shri Shailendra Narayan Satapathy is an enthusiastic and selfless personality. He has dedicated his life to rescuing and caring for wildlife, stray dogs, and abandoned animals. For his devoted service towards wildlife, he was honored in 2024 with the State-level Biju Patnaik Wildlife Conservation Award by the Balangir Forest Division.

## Contribution to Wildlife Conservation

In Balangir district, Shri Satapathy has successfully rescued and rehabilitated various animals, including pythons, wild boars, monkeys, snakes, elephants, stray dogs, and cattle. He mobilized young people to form a "Youth Brigade," which remains continuously active in wildlife rescue operations. Due to his constant preparedness in times of danger, he is fondly known as the "Man in Crisis." To raise public awareness, he has organized several camps and training programs to educate people about wildlife rescue, elephant movement, and mitigating human-wildlife conflict. For his remarkable contributions over the years in wildlife conservation, rescue operations, and public awareness, Shri Satapathy has also been honored with the Sub-Divisional level Biju Patnaik Wildlife Conservation Award.





## ବର୍ଷ-୨୦୨୫
## ଡକ୍ଟର ଶରତ ଚନ୍ଦ୍ର ମିଶ୍ର
**ସିଭିଲ୍ ଇଞ୍ଜିନିୟର, ପ୍ରକୃତିବିତ, ଅର୍କିଡୋଲୋଜିଷ୍ଟ**
**ବାଲେଶ୍ୱର, ଓଡ଼ିଶା**

# ପରିଚୟ

ଡକ୍ଟର ଶରତ ଚନ୍ଦ୍ର ମିଶ୍ର, ଜଣେ ବିଶିଷ୍ଟ ଭାରତୀୟ ଅର୍କିଡୋଲୋଜିଷ୍ଟ ଏବଂ ଉଭିଦ ବିଜ୍ଞାନୀ । ଭାରତର ଅର୍କିଡ୍, ବିଶେଷ କରି ଓଡିଶା ରାଜ୍ୟରେ ଥିବା ଅର୍କିଡ୍‌ର ବହୁଳ ଅଧ୍ୟୟନ ପାଇଁ ସେ ବେଶ୍ ଜଣାଶୁଣା । ପେଶାରେ ଜଣେ ଇଞ୍ଜିନିୟର ହେଲେ ମଧ୍ୟ, ଅର୍କିଡ୍ ପ୍ରତି ତାଙ୍କର ଅଗାଧ ପ୍ରେମ ଅର୍କିଡ୍‌ର ବର୍ଗୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ

ଡକ୍ଟର ମିଶ୍ରଙ୍କ କାର୍ଯ୍ୟ ଶିମିଳିପାଳକୁ ଏହାର ବିରଳ ଓ ସ୍ଥାନୀୟ ଅର୍କିଡ୍ ପାଇଁ ପ୍ରସିଦ୍ଧି ଦେଇଛି । ସେ କେବଳ ଶିମିଳିପାଳରେ ଅନେକ ବିରଳ ଓ ସ୍ଥାନୀୟ ଅର୍କିଡ୍ ଯଥା *Cirrhopetalum panigrahianum*, *Eria meghasaniensis, Liparis espeevijii, Habenaria panigrahiana* ଏବଂ ଏହାର ଭେରାଇଟି *(H. panigrahiana var. paroiloba)* ଆବିଷ୍କାର କରିଛନ୍ତି ତାହା ନୁହେଁ ବରଂ ତାଙ୍କ ଗବେଷଣା ଓଡିଶା ଓ ଓଡ଼ିଶା ବାହାରେ ଥିବା ଅନ୍ୟ ଜଙ୍ଗଲରେ ପରିବ୍ୟାପ୍ତ ହୋଇଛି । ସେ ଅର୍କିଡ୍ ଏବଂ ଏହାର ବାସସ୍ଥାନର ଚିହ୍ନଟ, ସୁରକ୍ଷା ଏବଂ ପ୍ରଜନନ ଉପରେ ବନ କର୍ମଚାରୀମାନଙ୍କୁ ତାଲିମ ଦେଇଛନ୍ତି । ତାଙ୍କର ଗବେଷଣାମୂଳକ କାର୍ଯ୍ୟ ୬୦ଟି ପ୍ରବନ୍ଧରେ ବିଶିଷ୍ଟ ଗବେଷଣା ମୂଳକ ପତ୍ରିକାରେ ପ୍ରକାଶିତ ହୋଇଛି । ଶିମିଳିପାଳ ବନ ଉନ୍ନୟନ ନିଗମରେ କାର୍ଯ୍ୟରତ ଜଣେ ସିଭିଲ୍ ଇଞ୍ଜିନିୟର ଭାବରେ, ସେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀମାନଙ୍କ ଗତିବିଧିକୁ ସୁବିଧାଜନକ କରିବା ପାଇଁ ଶିମିଳିପାଳରେ ଅନେକ କାଠ ପୋଲ ଏବଂ ପରିବେଶ ଅନୁକୂଳ ରାସ୍ତା ନିର୍ମାଣ କରିଛନ୍ତି ।

**Year – 2025**

**Dr. Sarat Chandra Misra**

Civil Engineer, Naturalist, Orchidologist, Odisha

## Introduction

Dr. Sarat Chandra Misra, a renowned Indian orchidologist and botanist, is well-known for his substantial documentation of orchids of India, especially those in the state of Odisha. He was an engineer by profession, but his love of orchids inspired him to make important contributions to the taxonomy of orchids.

## Contribution to Wildlife Conservation

The work of Dr. Misra has made Similipal famous for its rare and endemic orchids. He has not only discovered many rare and endemic orchids in Similipal such as Cirrhopetalum panigrahianum, Eria meghasaniensis, Liparis espeevijii, Habenaria panigrahiana and its variety (H. panigrahiana var. paroiloba), but also in other forests in Odisha. He has also trained forest officials on the identification, protection and propagation of orchids and their habitat. He has made an extensive survey of orchids in many other States. His research work has been published in 60 papers in peer-reviewed journals. As a Civil Engineer working in Similipal Forest Development Corporation, he has constructed many wooden bridges and environment-friendly roads in Similipal to facilitate the movements of forest personnel in protection work.






**ବନ୍ୟପ୍ରାଣୀ ଶାଖା,**

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,

ପ୍ରକୃତି ଭବନ , ପ୍ଲଟ ନଂ- ୧୪୫୯ ଶହୀଦ୍ ନଗର, ଭୁବନେଶ୍ୱର- ୭୫୧୦୦୭

**e-Mail:** ccfwl@odisha.gov.in, www.wildlife.odisha.gov.in

@pccfwildlifeodisha @PCCFWL_Odisha @pccfwildlifeodisha @WildlifeOdisha